

ଶିକ୍ଷା ମନ୍ତ୍ରାଳୟ
MINISTRY OF EDUCATION

सत्यमेव जयते

# ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (ଏନପିଏସଟି)

Odia-ଓଡ଼ିଆ

ମାର୍ଗଦର୍ଶିକା ପୁସ୍ତିକା, ୨୦୨୩

## ପରିଚ୍ଛେଦ ୫.୨୦, ଜାତୀୟ ଶିକ୍ଷା ନୀତି- ୨୦୨୦

"୨୦୨୨ ସୁଦ୍ଧା ସାଧାରଣ ଶିକ୍ଷା ପରିଷଦ (General Education Council- GEC) ଆନୁକୁଲ୍ୟ ରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (National Council for Teacher Education- NCTE)ର ବୃତ୍ତିଗତ ମାନକ ନିର୍ଦ୍ଧାରଣ ସଂସ୍ଥା (Professional Standard Setting Body- PSSB) ରୂପକ ଏକ ନୂଆ କମିଟି ଦ୍ୱାରା ଶିକ୍ଷକମାନଙ୍କର ଜାତୀୟ ବୃତ୍ତିଗତ ମାନଦଣ୍ଡ (National Professional Standard for Teachers- NPST) ର ଏକ ମାର୍ଗଦର୍ଶୀ ସୂଚୀ ପ୍ରସ୍ତୁତ କରାଯିବ। ଏହା ଏନସିଇଆରଟି, ଏସସିଇଆରଟି, ବିଭିନ୍ନ ସ୍ତରର ଓ ଅଞ୍ଚଳର ଶିକ୍ଷକ, ଶିକ୍ଷକ ପ୍ରସ୍ତୁତି ଓ ବିକାଶରେ ସାହାଯ୍ୟ କରୁଥିବା ଖ୍ୟାତିସମ୍ପନ୍ନ ସଂସ୍ଥା, ଧନ୍ଦାମୂଳକ ଶିକ୍ଷାରେ ବିଶେଷ ଜ୍ଞାନ ଥିବା ସଂସ୍ଥା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କର ମିଳିତ ପରାମର୍ଶରେ କରାଯିବ। ଏହି ମାନଦଣ୍ଡ ବିଭିନ୍ନ ସ୍ତରର ଓ ବର୍ଗର ଶିକ୍ଷକଙ୍କଠାରୁ ଆଶା କରାଯାଉଥିବା ଭୂମିକା ଓ ଦକ୍ଷତା ବିଷୟରେ ସୂଚନା ଦେବ। ଏଥିରେ ପ୍ରତ୍ୟେକ ସ୍ତରର ଶିକ୍ଷକଙ୍କର କୃତି ପ୍ରଦର୍ଶନ ଆକଳନ କରିବା ପାଇଁ ସୂଚକ ରହିବ ଏବଂ ଏହାକୁ ନିର୍ଦ୍ଦିଷ୍ଟ ସମୟ ବ୍ଯବଧାନରେ କାର୍ଯ୍ୟକାରୀ କରାଯିବ। ଏନପିଏସଟି ନିଯୁକ୍ତି/ସେବା ପୂର୍ବର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ଢାଞ୍ଚା ମଧ୍ୟ ପ୍ରସ୍ତୁତ କରିବ। ତା ପରେ ଏହାକୁ ରାଜ୍ୟଗୁଡ଼ିକ ଗ୍ରହଣ କରିପାରିବେ ଏବଂ ଶିକ୍ଷକଙ୍କର ବୃତ୍ତିଗତ ପରିଚାଳନା ସ୍ଥିର କରିପାରିବେ, ଯେଉଁଥିରେ ଶିକ୍ଷକଙ୍କର କାର୍ଯ୍ୟକାଳ ଅବଧି, ବୃତ୍ତିଗତ ବିକାଶ ପାଇଁ କାର୍ଯ୍ୟ, ବେତନ ବୃଦ୍ଧି, ପଦୋନ୍ନତି ଓ ଅନ୍ୟ ପ୍ରୋତ୍ସାହନ ମଧ୍ୟ ରହିବ। କାର୍ଯ୍ୟକାଳ ଅବଧି ଓ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଓ ବେତନ ବୃଦ୍ଧି କରାଯିବ ନାହିଁ, ଏହା କେବଳ କୃତି ଆକଳନ ଆଧାରରେ କରାଯିବ। ୨୦୩୦ରେ ଏହି ବୃତ୍ତିଗତ ମାନଦଣ୍ଡର ସମୀକ୍ଷା ଓ ସଂଶୋଧନ କରାଯିବ ଏବଂ ତାପରେ ପ୍ରତି ଦଶ ବର୍ଷରେ ଏକ ପ୍ରମାଣସିଦ୍ଧ ବିଶ୍ଳେଷଣ ଆଧାରରେ ଏହି ବ୍ୟବସ୍ଥାର ଫଳାଫଳକୁ ଆକଳନ କରି ସଂଶୋଧନ କରାଯିବ।"

ଯେଉଁ ଶିକ୍ଷାନୁଷ୍ଠାନରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଏ ଓ ତାଙ୍କର ଉପଯୁକ୍ତ ଯତ୍ନ ନିଆଯାଏ, ଯେଉଁଠାରେ ଏକ ସୁରକ୍ଷିତ ଏବଂ ପ୍ରେରଣାଦାୟକ ଶିକ୍ଷଣ ବାତାବରଣ ଉପଲବ୍ଧ ଥାଏ, ଯେଉଁଠାରେ ସବୁ ଛାତ୍ରଛାତ୍ରୀଙ୍କର ଶିକ୍ଷା ପାଇଁ ବିବିଧ ପ୍ରକାରର ଅନୁଭୂତି ହାସଲ କରିବାର ସୁଯୋଗ ଉପଲବ୍ଧ କରାଇ ଦିଆଯାଏ ଏବଂ ଯେଉଁଠାରେ ଶିକ୍ଷା ପାଇଁ ଉନ୍ନତ ଭିତ୍ତିଭୂମି ଏବଂ ସାଧନ ଉପଲବ୍ଧ ଥାଏ, ତାହା ହିଁ ଏକ ଉତ୍ତମ ଶିକ୍ଷାନୁଷ୍ଠାନ ଅଟେ। ଏ ସମସ୍ତ ମାନ ହାସଲ କରିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଉଚିତ। ଏହା ସହ ଶିକ୍ଷାର ପ୍ରତ୍ୟେକ ସ୍ତରରେ ଏବଂ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ବାଧାରହିତ ସହଯୋଗ ଓ ସମନ୍ୱୟ ରହିବା ଏକାନ୍ତ ଆବଶ୍ୟକ ଅଟେ।

**Dharmendra Pradhan**
Hon'ble Minister for Education;
Skill Development and
Entrepreneurship
Government of India
Shastri Bhawan
New Delhi-110001

सत्यमेव जयते

**ଧର୍ମେନ୍ଦ୍ର ପ୍ରଧାନ**
ମାନ୍ୟବର ମନ୍ତ୍ରୀ, ଶିକ୍ଷା, ଦକ୍ଷତା ବିକାଶ ଓ
ଉଦ୍ୟମଶୀଳତା, ଭାରତ ସରକାର
ଶାସ୍ତ୍ରୀ ଭବନ
ନୂଆଦିଲ୍ଲୀ– ୧୧୦୦୦୧



## ବାର୍ତ୍ତା

ଜାତୀୟ ଶିକ୍ଷା ନୀତି- ୨୦୨୦ ଉତ୍କର୍ଷ ପାଇଁ ଦେଶର ଶୈକ୍ଷିକ ପ୍ରଗତିର ଏକ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରେ। ଏହାର ଅଗ୍ରଣୀ ଚିନ୍ତନ ପ୍ରବୃତ୍ତି ଦ୍ୱାରା ଏହା ଶିକ୍ଷକ ଶିକ୍ଷା ପାଇଁ ଦିଗ ନିର୍ଦ୍ଦେଶ କରିଥାଏ; ଯାହା କେବଳ ଜ୍ଞାନ ବିତରଣ ନୁହେଁ, ବରଂ ଶିକ୍ଷକମାନଙ୍କୁ ଏକବିଂଶ ଶତାବ୍ଦୀର ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଅତ୍ୟାବଶ୍ୟକ ଓ ଅପରିହାର୍ଯ୍ୟ ଗୁଣାବଳୀ ଯଥା ଶିଖିବାର ଉତ୍କଣ୍ଠା, ଜଟିଳ ଚିନ୍ତନ ଓ ସୃଜନଶୀଳତା ଗୁଣାବଳୀର ବିକାଶ ମଧ୍ୟ କରାଇଥାଏ।

ଭବିଷ୍ୟତ ପିଢ଼ିର ଚିନ୍ତନକୁ ନୂଆ ରୂପ ପ୍ରଦାନ କରିବାରେ ଶିକ୍ଷକଙ୍କର ପ୍ରମୁଖ ଭୂମିକାକୁ ମାନ୍ୟତା ଦେବା ପୂର୍ବକ ଏହି ଶିକ୍ଷା ନୀତି ସ୍ୱୀକାର କରେ ଯେ ଉନ୍ନତ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷକମାନଙ୍କୁ ଆବଶ୍ୟକ ଉପକରଣ ଓ ଜ୍ଞାନ ଯୋଗାଇ ଦିଆଯିବା ସର୍ବଦା ଆବଶ୍ୟକ। ଆକାଂକ୍ଷା ଓ ମାର୍ଗଦର୍ଶିକା ଅନୁଯାୟୀ ପ୍ରଭାବଶାଳୀ ଶିକ୍ଷା ଜରିଆରେ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା ସକାଶେ ଶିକ୍ଷକଙ୍କର ବୃତ୍ତିଗତ ମାନଦଣ୍ଡ ଉନ୍ନତ ହେବା ଆବଶ୍ୟକ। ଶିକ୍ଷକମାନଙ୍କର ଶିକ୍ଷଣ ଦକ୍ଷତା, ପାରଙ୍ଗମତା ଓ ଜ୍ଞାନକୁ ଯଥାର୍ଥ ରୂପ ପ୍ରଦାନ କରିବାରେ ଏହି ମାନଦଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି।

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (NCTE) ଅଧୀନରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (NPST)ର ମାର୍ଗଦର୍ଶିକା ପୁସ୍ତିକା ପ୍ରସ୍ତୁତ ହୋଇଛି, ଯାହା ଏକ ମାର୍ଗଦର୍ଶକ ନିୟାମକ ଭାବରେ କାର୍ଯ୍ୟ କରିବ। ନିପୁଣତାର ବିଭିନ୍ନ ସ୍ତରରେ ଏବଂ ବୃତ୍ତିଗତ ଜୀବନର ବିଭିନ୍ନ ସୋପାନରେ ଜଣେ ଶିକ୍ଷକଙ୍କ ଭୂମିକାରେ ଅନ୍ତର୍ନିହିତ ଆକାଂକ୍ଷିତ ଦାୟିତ୍ୱ ଓ ପାରଙ୍ଗମତାକୁ ଏହି ପୁସ୍ତିକାରେ ସ୍ପଷ୍ଟ ଭାବେ ପ୍ରକାଶ କରାଯାଇଛି। ଏହା ଏକ ପ୍ରବୀଣ ଓ ଅଗ୍ରଗାମୀ ଶିକ୍ଷକ ମଣ୍ଡଳୀ ତିଆରି କରିବା ପାଇଁ ଏକ ବେଞ୍ଚମାର୍କ ସଦୃଶ କାର୍ଯ୍ୟ କରିବ।

ମୋର ଗଭୀର ବିଶ୍ୱାସ ଯେ ଏହି ନିରବିଚ୍ଛିନ୍ନ ପ୍ରୟାସ ବଳରେ ଆମ ଦେଶର ଶିକ୍ଷା କ୍ଷେତ୍ରରେ ଏକ ଗଠନମୂଳକ ପରିବର୍ତ୍ତନ ସମ୍ଭବ ହୋଇପାରିବ, ଯାହା ଦେଶର ଉତ୍ତର ପିଢ଼ିଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ।

**(ଧର୍ମେନ୍ଦ୍ର ପ୍ରଧାନ)**

# ବାର୍ତ୍ତା




**ଅନ୍ନପୂର୍ଣ୍ଣା ଦେବୀ**
ମାନ୍ୟବର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ
ଭାରତ ସରକାର


ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ନିଶ୍ଚିତତା ଏବଂ ଶିକ୍ଷଣ ବୃତ୍ତିର ଉତ୍ଥାନ ପାଇଁ ପ୍ରତିଶ୍ରୁତିବଦ୍ଧତା କ୍ଷେତ୍ରରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (ଏନପିଏସଟି ) ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଶିକ୍ଷକ, ଶିକ୍ଷାବିତ, ଶିକ୍ଷାବିଶାରଦ, ଶିକ୍ଷା ସଂଗଠନ ଓ ଅନ୍ୟ ସମସ୍ତ ସମ୍ପୃକ୍ତ ପକ୍ଷମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା, ସମନ୍ୱୟ ଓ ଗଭୀର ଗବେଷଣା ଭିତ୍ତିରେ ଏହି ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ମାର୍ଗଦର୍ଶିକା ପୁସ୍ତିକା ପ୍ରସ୍ତୁତ କରାଯାଇଛି। ଏକବିଂଶ ଶତାବ୍ଦୀରେ ପ୍ରଭାବଶାଳୀ ଶିକ୍ଷା ପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା ଓ ଶିକ୍ଷଣ ଶୈଳୀ ଆଦି ଏହି ମାନର ଅନ୍ତର୍ଭୁକ୍ତ ଅଟେ। ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ମାର୍ଗଦର୍ଶିକା ପୁସ୍ତିକା ଶିକ୍ଷକମାନଙ୍କଠାରୁ ଦେଶର ଆକାଂକ୍ଷା ବ୍ୟତୀତ ସେମାନଙ୍କର ନୈତିକତା, ବିଷୟଗତ ଜ୍ଞାନ ଓ ସ୍ୱବୃତ୍ତି ସୁପରିଚାଳନାର ନିରବିଚ୍ଛିନ୍ନ ବିକାଶ ନିମିତ୍ତ ଏକ ସ୍ୱଷ୍ଟ ରୂପରେଖ ପ୍ରଦାନ କରେ।

ଏହି ମାନ ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତି, ଅନୁଷ୍ଠାନ ସହିତ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦକୁ ମୁଁ ଆନ୍ତରିକ ଅଭିନନ୍ଦନ ଜଣାଉଛି।

*********************************************************************************

# ବାର୍ତ୍ତା





**ସଞ୍ଜୟ କୁମାର**
ଆଇ. ଏ. ଏସ.
ସଚିବ
ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର


ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତର ଶିକ୍ଷକ ଶିକ୍ଷା କ୍ଷେତ୍ରରେ ରଚନାତ୍ମକ ପୁନର୍ଗଠନ କରିପାରିଛି। ସମସ୍ତଙ୍କ ପାଇଁ ସାମଗ୍ରିକ ଓ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ହାସଲ କରିବା ନିମନ୍ତେ ଏହି ଶିକ୍ଷାନୀତି ଶିକ୍ଷଣ ବୃତ୍ତିର ବିକାଶ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଛି ଏବଂ ଶିକ୍ଷା କ୍ଷେତ୍ରର ସମସ୍ତ ପୁନର୍ଗଠନରେ ଶିକ୍ଷକକୁ କେନ୍ଦ୍ରବିନ୍ଦୁ ରୂପେ ଗ୍ରହଣ କରିଛି। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଶିକ୍ଷକମାନଙ୍କ ପାଇଁ ଏକ ସୁଗଠିତ ଜାତୀୟ ବୃତ୍ତିଗତ ମାନ ହାସଲ କରିବା ପାଇଁ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା ପୁସ୍ତିକା ପ୍ରସ୍ତୁତ କରିଅଛି। ଏଥିସହ ସମ୍ପୃକ୍ତ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ଆଦି ସହିତ ଆଲୋଚନା, ସହଯୋଗ ଏବଂ ସମନ୍ୱୟ ରକ୍ଷା ତଥା ଗବେଷଣା ଆଧାରରେ ଉର୍ଦ୍ଧ୍ୱଗାମୀ ପଦ୍ଧତିରେ ଏହି ପୁସ୍ତିକା ପ୍ରସ୍ତୁତ କରାଯାଇଅଛି । ଏହି ପୁସ୍ତିକା ଶିକ୍ଷକମାନଙ୍କର ଦକ୍ଷତା ବିକାଶକୁ ତ୍ୱରାନ୍ୱିତ କରିବ ଏବଂ ସେମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷକ ରୂପେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ମୁଁ ଆଶାବାଦୀ।

ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି, ଅନୁଷ୍ଠାନ ଓ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦକୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

# ବାର୍ତ୍ତା



**ପ୍ରଫେସର ଯୋଗେଶ ସିଂ**
ଅଧ୍ୟକ୍ଷ
ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ
ନୂଆଦିଲ୍ଲୀ

ଜାତୀୟ ଶିକ୍ଷା ନୀତି ୨୦୨୦ ଉଚ୍ଚ ଗୁଣାତ୍ମକ ଶିକ୍ଷଣ ଉପରେ ଗୁରୁତ୍ୱ ଦିଏ, ଯାହା ଶିକ୍ଷକମାନଙ୍କ ପାଇଁ କାର୍ଯ୍ୟ ପରିସର ଓ ଏକବିଂଶ ଶତାବ୍ଦୀର ଦକ୍ଷତାକୁ ସୂଚିତ କରେ। ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ଲକ୍ଷ୍ୟ ହାସଲ ନିମନ୍ତେ ସୁଦକ୍ଷ ଶିକ୍ଷକ ସୃଷ୍ଟି କରିବା ହେଉଛି ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ମାର୍ଗଦର୍ଶିକା ପୁସ୍ତିକା ପ୍ରସ୍ତୁତିର ଉଦ୍ଦେଶ୍ୟ। ଶିକ୍ଷଣ ଓ ଆଚରଣରେ ସର୍ବୋଚ୍ଚ ସ୍ତର ହାସଲ କରିବା ଦାୟିତ୍ୱ ଯେଉଁ ଶିକ୍ଷକ ଉପରେ ନ୍ୟସ୍ତ, ସେହି ଶିକ୍ଷକମାନଙ୍କ ପାଇଁ ଏନପିଏସଟି ଏକ କ୍ଷେତ୍ର ପ୍ରସ୍ତୁତ କରିପାରିଛି। ଏନପିଏସଟି ନିର୍ଦ୍ଧାରଣ କରିଥିବା ଏହି ସାଧାରଣ ମାନଦଣ୍ଡ ଶିକ୍ଷକମାନଙ୍କର ନୈତିକ ଆଚରଣ, ମୂଲ୍ୟବୋଧ, ଗଭୀର ବିଷୟଗତ ଜ୍ଞାନ, ବୃତ୍ତିଗତ ସହଯୋଗ ଏବଂ ବୃତ୍ତିଗତ ବିକାଶ ଯୋଜନା ଆଦି ଉପରେ କେନ୍ଦ୍ରୀଭୂତ।

ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଲକ୍ଷ୍ୟ ହାସଲ ଦିଗରେ ମୁଁ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କର ସାମଗ୍ରିକ ସହଯୋଗ କାମନା କରୁଛି।

************************************************************************

# ବାର୍ତ୍ତା



**କେସାଙ୍ଗ ୱାଇ. ଶେରପା**
ସଦସ୍ୟ ସଚିବ ଜାତୀୟ ଶିକ୍ଷକ
ଶିକ୍ଷା ପରିଷଦ
ନୂଆଦିଲ୍ଲୀ

ଗୋଟିଏ ସ୍ୱୟଂଶାସିତ ସଂଗଠନ ଭାବେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଶିକ୍ଷକ ଶିକ୍ଷାର ମାନରେ ଉନ୍ନତି ଆଣିବା ସକାଶେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଅଛି। ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ନିମନ୍ତେ ଉଚ୍ଚ ଦକ୍ଷତା ସମ୍ପନ୍ନ ଶିକ୍ଷକ ଏକ ଜରୁରୀ ଆବଶ୍ୟକତା ବୋଲି ଜାତୀୟ ଶିକ୍ଷା ନୀତି ୨୦୨୦ ସ୍ୱୀକାର କରେ। ସେହି ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ର ପରିଚ୍ଛେଦ ୫.୨୦ର ବର୍ଣ୍ଣନା ଆଧାରରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ମାର୍ଗଦର୍ଶିକା ପୁସ୍ତିକା ପ୍ରସ୍ତୁତ କରିଅଛି। ଏହି ପୁସ୍ତିକାରେ ବର୍ଣ୍ଣିତ ମାନଦଣ୍ଡ ପାଇଁ ଗୋଟିଏ ସୂଚୀ ସ୍ଥାନିତ ହୋଇଅଛି। ଜଣେ ଶିକ୍ଷକ କଣ ଜାଣିବା ଉଚିତ, ସେ କିପରି ଶିକ୍ଷାଦାନ କରିବା ଉଚିତ, ଏକବିଂଶ ଶତାବ୍ଦୀରେ ଫଳପ୍ରସୂ ଶିକ୍ଷାଦାନ କରିପାରିବା ନିମନ୍ତେ ତାଙ୍କର ବୃତ୍ତିଗତ ବିକାଶ କିପରି ହେବା ଉଚିତ, ତାହା ସେହି ସୂଚୀରେ ବର୍ଣ୍ଣିତ ହୋଇଅଛି। ଶିକ୍ଷକର ବୃତ୍ତିଗତ ଜୀବନକାଳରେ ପାରଦର୍ଶିତାର ବିଭିନ୍ନ ସୋପାନକୁ କିପରି ଉନ୍ନୀତ ହୋଇପାରିବେ, ସେଥି ସକାଶେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଉପଯୁକ୍ତ ମାର୍ଗଦର୍ଶନ କରିପାରିବ।

ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ମାର୍ଗଦର୍ଶିକା ପୁସ୍ତିକା ପ୍ରସ୍ତୁତିରେ ସହଯୋଗ କରିଥିବା ମୋର ସମସ୍ତ ବରିଷ୍ଠ ଅଧିକାରୀ, ପୁସ୍ତିକା ଲିଖନ କମିଟିର ସମସ୍ତ ସଭ୍ୟଙ୍କୁ ମୁଁ ଆନ୍ତରିକ ସାଧୁବାଦ ଜ୍ଞାପନ କରୁଛି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ସମସ୍ତ ସଦସ୍ୟଙ୍କୁ ମୁଁ ଧନ୍ୟବାଦ ଜଣାଉଛି।

# ସୂଚୀ ପତ୍ର


| କ୍ର ସଂ | ବିଷୟ | ପୃଷ୍ଠା |
|---|---|---|
| ୧ | **ଉପକ୍ରମ** | **୧** |
| ୨ | **ଶିକ୍ଷକତା: ଏକ ବୃତ୍ତି** | **୩** |
| ୨.୧ | ଗୋଟିଏ ବୃତ୍ତି ରୂପେ ଶିକ୍ଷକତା | ୩ |
| ୨.୨ | ବୃତ୍ତିଗତ ମାନଦଣ୍ଡ କଣ ଜାଣିବା | ୫ |
| ୨.୩ | ଶିକ୍ଷକ ଓ ଶିକ୍ଷଣ ପାଇଁ ବୃତ୍ତିଗତ ମାନଦଣ୍ଡର ଗୁରୁତ୍ୱ | ୫ |
| ୩ | **ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ** | **୭** |
| ୩.୧ | ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ଯଥାର୍ଥତା | ୭ |
| ୩.୨ | ଶିକ୍ଷକଙ୍କ ପାଇଁ ବୃତ୍ତିଗତ ମାନଦଣ୍ଡ | ୯ |
| ୩.୩ | ପାରଙ୍ଗମତାର ବିକାଶ ଓ ପ୍ରଗତି | ୧୨ |
| ୩.୪ | ଶିକ୍ଷକଙ୍କ ପାଇଁ ଜାତୀୟ ବୃତ୍ତିଗତ ମାନଦଣ୍ଡ | ୧୩ |
| ୪ | **ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ଆଧାର** | **୧୫** |
| ୪.୧ | ସ୍ତର ୧: ମୌଳିକ ମୂଲ୍ୟବୋଧ ଓ ନୈତିକତା | ୧୫ |
| ୪.୨ | ସ୍ତର ୨: ଜ୍ଞାନ ଓ ସାଧନା | ୧୫ |
| ୪.୩ | ସ୍ତର ୩: ବୃତ୍ତିଗତ ବିକାଶ ଓ ପ୍ରଗତି | ୧୬ |
| ୫ | **କାର୍ଯ୍ୟକାରିତା** | **୨୪** |
| ୫.୧ | କାର୍ଯ୍ୟ ଯୋଜନା | ୨୪ |
| ୫.୨ | ପ୍ରୟୋଗ ଯୋଗ୍ୟତା | ୨୪ |
| ୫.୩ | ନିୟମିତ ସମୀକ୍ଷା | ୨୪ |

| | | |
|---|---|---|
| ୬ | ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଆଧାରିତ ମୂଲ୍ୟାୟନ ଆଧାର (ପରାମର୍ଶମୂଳକ) | ୨୬ |
| ୭ | ଏନପିଏସଟି ଭିତ୍ତିକ ଜାତୀୟ ଶିକ୍ଷକ ଗୁଣବତ୍ତା କେନ୍ଦ୍ର ପାଇଁ ଡିଜିଟାଲ ଭିତ୍ତିଭୂମି ଯୋଜନା | ୩୭ |
| ୮ | ଚିତ୍ରାବଳୀର ତାଲିକା | ୪୦ |
| ୯ | ସଂକ୍ଷିପ୍ତ ପଦାବଳୀ | ୪୧ |
| ୧୦ | ଗ୍ରନ୍ଥସୂଚୀ | ୪୨ |
| ୧୧ | ଏନପିଏସଟି ବିଶେଷଜ୍ଞ କମିଟି | ୪୩ |

# ୧. ଉପକ୍ରମ

ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ (NEP 2020) ଭାରତର ଶିକ୍ଷା ବ୍ୟବସ୍ଥାର ମୌଳିକ ପୁନର୍ଗଠନର କେନ୍ଦ୍ରସ୍ଥଳରେ ଶିକ୍ଷକଙ୍କୁ ଅବସ୍ଥାପିତ କରିଅଛି। ଶିକ୍ଷା ସେହିପରି ଏକ ନିରବିଚ୍ଛିନ୍ନ ପ୍ରକ୍ରିୟା ଯାହା ପ୍ରତ୍ୟେକ ନାଗରିକର ଜୀବନକୁ ପ୍ରଭାବିତ କରେ ଏବଂ ଶିକ୍ଷକ ସେହି ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଦେଶର ସବୁ ଛାତ୍ରଛାତ୍ରୀ ଶ୍ରେଷ୍ଠ ଶିକ୍ଷାର ସୁଯୋଗ ସମାନ ଭାବେ ଲାଭ କରନ୍ତୁ ବୋଲି ନୂତନ ଶିକ୍ଷା ନୀତି ୨୦୨୦ରେ ଯାହା କୁହାଯାଇଛି, ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ସେହି ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରୁଛି। ସବୁ ସ୍ତରର ସବୁ ଛାତ୍ରଛାତ୍ରୀଙ୍କୁ ପଢ଼ାଇବାକୁ ସବୁ ଶିକ୍ଷକ ଯଥେଷ୍ଟ ଭାବରେ ଉଚ୍ଚ ଶିକ୍ଷିତ, ଉତ୍ତମ ରୂପେ ପ୍ରସ୍ତୁତ, ଆଗ୍ରହୀ ଏବଂ ପ୍ରବୃତ୍ତ ରହିବା ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ସୁନିଶ୍ଚିତ କରିବାକୁ ଚାହେଁ। ତେଣୁ ଶିକ୍ଷକଙ୍କ ଦକ୍ଷତାକୁ ଶ୍ରେଷ୍ଠ ସ୍ତରକୁ ଉନ୍ନୀତ କରିବା ଆଜିର ଆବଶ୍ୟକତା।

ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ବୃତ୍ତିକାଳର ବିଭିନ୍ନ ସୋପାନରେ ଶିକ୍ଷକଙ୍କର ଗୁଣବତ୍ତା ଚିହ୍ନଟ କରିବାରେ ସହାୟକ ହୋଇଥାଏ। ତା ସହିତ ଏହି ମାନଦଣ୍ଡ ସବୁ ଶିକ୍ଷକଙ୍କର ପ୍ରସ୍ତୁତି, ଶିକ୍ଷଣ ଅଭ୍ୟାସ ଓ କାର୍ଯ୍ୟ ସମ୍ପାଦନ ଆଦି କାର୍ଯ୍ୟର ଉନ୍ନତିରେ ଧ୍ୟାନ ଦେଇଥାଏ। ଏହି ମାନଦଣ୍ଡ ଏବଂ ତତ୍ ସମ୍ପୃକ୍ତ ସମସ୍ତ ନୀତି ନୂତନ ଶିକ୍ଷା ନୀତି ୨୦୨୦ର ବିଚାରଧାରା ଉପରେ ପର୍ଯ୍ୟବସିତ ଅଟେ, ଯାହା ଶିକ୍ଷା ବ୍ୟବସ୍ଥାକୁ ଦିଗଦର୍ଶନ ଦେବା ସହିତ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଥିବା ନୂତନ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ହାସଲରେ ସହାୟକ ହେବ। ଏହି ମାନଦଣ୍ଡ ପ୍ରାକ୍ ସେବା ଶିକ୍ଷକ ତାଲିମ ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ଏବଂ ଶିକ୍ଷକଙ୍କର ସେବାକାଳର ସମସ୍ତ ବିଭାଗର ପରିଚାଳନାରେ ମଧ୍ୟ ସହାୟକ ହେବ।

ଶିକ୍ଷକଙ୍କର ମାନ ବୃଦ୍ଧି ନିମନ୍ତେ କରାଯାଉଥିବା ପ୍ରୟାସର ସୁଫଳ ଛାତ୍ରଛାତ୍ରୀମାନେ ଲାଭ କରିପାରିବେ। ଶିକ୍ଷକଙ୍କ ନିମନ୍ତେ ପ୍ରସ୍ତୁତ ଏହି ବୃତ୍ତିଗତ ମାନଦଣ୍ଡ ତାଙ୍କର ସେବାକାଳର ବିଭିନ୍ନ ସୋପାନରେ ଏବଂ ନିପୁଣତାର ବିଭିନ୍ନ ସ୍ତରରେ ତାଙ୍କଠାରୁ କଣ ସବୁ ଆଶା କରାଯାଏ, ତଥା ଉଭୟ ପାଇଁ ଆବଶ୍ୟକ କୁଶଳତାର ଏକ ନକ୍ସା ପ୍ରଦାନ କରିପାରିବ। ଜାତୀୟ ସ୍ତରରେ ୨୦୩୦ ମସିହାରେ ଏହି ବୃତ୍ତିଗତ ମାନଦଣ୍ଡ ସମୀକ୍ଷା ଓ ସଂଶୋଧନ କରାଯିବ। ପୁନଶ୍ଚ ପ୍ରତି ଦଶବର୍ଷରେ ଥରେ ବ୍ୟାପକ ଭାବେ ତଥ୍ୟ ସଂଗ୍ରହ କରାଯାଇ ଏହି ପ୍ରକ୍ରିୟାର ପ୍ରଭାବର ସମୀକ୍ଷା କରାଯିବ।

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (NCTE), ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଆଇନ (NCTE Act), ୧୯୯୩ ବଳରେ ପ୍ରତିଷ୍ଠିତ ଏକ ବିଧିସମ୍ମତ ଅନୁଷ୍ଠାନ। ସମଗ୍ର ଦେଶର ପ୍ରାକ୍ ସେବାକାଳୀନ ଓ ସେବାକାଳୀନ ଶିକ୍ଷକ ତାଲିମ ଓ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଏବଂ ସଂଯୋଜନାର ଦାୟିତ୍ୱ ଏହି ଅନୁଷ୍ଠାନ ଉପରେ ନ୍ୟସ୍ତ କରାଯାଇଅଛି। ଶିକ୍ଷା ମନ୍ତ୍ରାଳୟ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇ ଜାତୀୟ ବଜେଟ ୨୦୨୧ରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଘୋଷଣା କରାଯାଇଥିଲା ଏବଂ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ଶିକ୍ଷକ ଶିକ୍ଷା ପରିଷଦ ଉପରେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ବିବିଧ ଦିଗ ସହ ସମ୍ପୃକ୍ତ ଅନୁଷ୍ଠାନ ଓ ବ୍ୟକ୍ତିମାନଙ୍କ ମତାମତ ଓ ପରାମର୍ଶ କ୍ରମେ ଏହି ମାନଦଣ୍ଡର ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ୨୦୨୧ ଏପ୍ରିଲ ମାସରେ MyNEP2020 ପୋର୍ଟାଲ ଜରିଆରେ ସଂଗୃହୀତ ଅନଲାଇନ ତଥ୍ୟ ସଂଗ୍ରହ କରାଯାଇ ଗବେଷଣା କରାଯାଇଥିଲା ଏବଂ ତାହାରି ଆଧାରରେ ମାର୍ଗଦର୍ଶିକା ପୁସ୍ତିକାରେ ସଂଗତି ରକ୍ଷା କରିବା ପାଇଁ ଊର୍ଦ୍ଧ୍ୱମୁଖୀ ପଦ୍ଧତିରେ ପରାମର୍ଶ ଓ ମତାମତ ଆହ୍ୱାନ କରାଯାଇଥିଲା। ପୁନଶ୍ଚ ନିର୍ବାଚିତ

ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଠାରୁ ଗବେଷଣା ପ୍ରଶ୍ନାବଳୀ ଜରିଆରେ ନିର୍ଦ୍ଦିଷ୍ଟ ବିଷୟରେ ମତାମତ ଓ ପରାମର୍ଶ ସଂଗ୍ରହ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟର ଗବେଷଣା କରାଯାଇଥିଲା ।

ଆନ୍ତର୍ଜାତୀୟ ସ୍ତରରେ ସର୍ବୋତ୍ତମ ଶିକ୍ଷକ ବୃତ୍ତିଗତ ମାନ ଜାଣିବା ପାଇଁ ଚାରିଗୋଟି ଦେଶର ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ତୁଳନାତ୍ମକ ଅଧ୍ୟୟନ କରାଯାଇ ଏକ ବିବରଣୀ ପ୍ରସ୍ତୁତ କରାଯାଇଥିଲା। ବିଶେଷଜ୍ଞ କମିଟିରେ ବହୁବାର ଆଲୋଚନା ଓ ସଂଶୋଧନ ପରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ପ୍ରାଥମିକ ଚିଠା ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ମତାମତ ପାଇଁ ସେହି ଚିଠାକୁ ୨୦୨୧ ନଭେମ୍ବର ୧୭ ତାରିଖରେ NCTE ୱେବସାଇଟ ଓ MyGov ପୋର୍ଟାଲରେ ଛଡ଼ାଯାଇଥିଲା। ସେହି ସମୟ ଅବଧିରେ ଉପରୋକ୍ତ ପ୍ରାଥମିକ ଚିଠା ବିଷୟରେ ମୌଳିକ ସ୍ତରରୁ ମତାମତ ସଂଗ୍ରହ କରିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତର ଶିକ୍ଷାବିତ, ଶିକ୍ଷା ପ୍ରଶାସକ, ଶିକ୍ଷକ ପ୍ରଶିକ୍ଷକ, ବିଭାଗୀୟ ମୁଖ୍ୟ, ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ, ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ, ଅଧକ୍ଷ, ଉଭୟ ଘରୋଇ ଓ ସରକାରୀ ବିଦ୍ୟାଳୟର ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ନେଇ ୧୫ ଗୋଟି ମୁକ୍ତକକ୍ଷ ଆଲୋଚନା କରାଯାଇଥିଲା।

ସେହି ସମୟରେ ଉକ୍ତ ପ୍ରାଥମିକ ଚିଠା ବିଷୟରେ ମତାମତ ଜାଣିବା ପାଇଁ ତଥା ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (NPST)ରେ ଉଲ୍ଲିଖିତ କୁଶଳତାର ପରିମାପ ଏବଂ ମୂଲ୍ୟାୟନ ପାଇଁ ପଦ୍ଧତି ନିର୍ଣ୍ଣୟ କରିବା ସକାଶେ ଦେଶର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟରତ ଶିକ୍ଷକ, ଅଧକ୍ଷ, ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ, ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ଆଦିଙ୍କ ସହ ଆଲୋଚନା ବୈଠକ ଆୟୋଜିତ ହୋଇଥିଲା। ତୃତୀୟ ସୋପାନର ଗବେଷଣାରେ ବିଭିନ୍ନ ସୂତ୍ରରୁ ସଂଗୃହୀତ ତଥ୍ୟ, ମତାମତ ଓ ପରାମର୍ଶ ଆଧାରରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (NPST)ର ଚୂଡ଼ାନ୍ତ ଚିଠା ପ୍ରସ୍ତୁତ କରାଯାଇ ୨୦୨୨ ନଭେମ୍ବର ୨୯ ତାରିଖରେ ଏଥିନିମନ୍ତେ ଗଠିତ କମିଟି ନିକଟରେ ଉପସ୍ଥାପନ କରାଯାଇଥିଲା ଏବଂ ତାହା କ୍ଷେତ୍ର ପରୀକ୍ଷଣ ଚିଠା ରୂପେ ଉକ୍ତ କମିଟିର ଅନୁମୋଦନ ଲାଭ କରିଥିଲା। ଏହି ମାର୍ଗଦର୍ଶିକା ଚିଠା ୭୫ ଗୋଟି କେନ୍ଦ୍ର ସରକାରଙ୍କ ବିଦ୍ୟାଳୟର (୨୫ଟି କେନ୍ଦ୍ରୀୟ ବିଦ୍ୟାଳୟ, ୨୫ଟି ନବୋଦୟ ବିଦ୍ୟାଳୟ ଏବଂ ୨୫ଟି ସିବିଏସଇ) ୧୧୭୫ ଜଣ ଶିକ୍ଷକଙ୍କ ଠାରେ ପ୍ରାଥମିକ ପରୀକ୍ଷଣ କରାଯାଇଥିଲା।

ଜାତୀୟ ଶିକ୍ଷା ନୀତି ୨୦୨୦ର ପରିଚ୍ଛେଦ ୫.୨୦ରେ ଆଲୋଚିତ ହୋଇଥିବା ପରି ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (NPST) ସବୁ ଶିକ୍ଷାର୍ଥୀଙ୍କ ନିକଟରେ ସର୍ବୋତ୍ତମ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଅଛି। ଜାତୀୟ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସମ୍ପାଦନ କରିବା ପାଇଁ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (NPST)ର ଏକ ମାର୍ଗଦର୍ଶିକା ପୁସ୍ତିକା ପ୍ରସ୍ତୁତ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ଶିକ୍ଷାର୍ଥୀ ଉଚ୍ଚ ଶିକ୍ଷିତ, ଉପଯୁକ୍ତ ତାଲିମପ୍ରାପ୍ତ, ଆଗ୍ରହୀ ଓ ଆକାଂକ୍ଷୀ ଶିକ୍ଷକଙ୍କଠାରୁ ଶିକ୍ଷାପ୍ରାପ୍ତ ହେବେ। ଏହି ମାନଦଣ୍ଡ ଶିକ୍ଷକମାନଙ୍କର ସମସ୍ତ ପ୍ରକାର ବୃତ୍ତିଗତ ପରିଚାଳନା କରିବାକୁ ଉଦ୍ଦିଷ୍ଟ। ଏହା ଗୁଣବତ୍ତାର ଏକ ବ୍ୟାଖ୍ୟା ଏବଂ ବିଭିନ୍ନ ସ୍ତରରେ ଶିକ୍ଷକଙ୍କ କୁଶଳତାର ବ୍ୟାଖ୍ୟା କରିଥାଏ।

ଜାତୀୟ ଶିକ୍ଷକ ଗୁଣବତ୍ତା କେନ୍ଦ୍ର (NCTQ) ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଦ୍ୱାରା ପ୍ରତିଷ୍ଠିତ ଏକ ଡିଜିଟାଲ କ୍ଷେତ୍ର ଅଟେ, ଯାହା ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (NPST)କୁ କ୍ରିୟାଶୀଳ କରିବାର ଜାତୀୟ ଗନ୍ତାଘର ଅଟେ। ପୁନଶ୍ଚ, ସମ୍ପୃକ୍ତ ସମସ୍ତ ବ୍ୟକ୍ତି, ଅନୁଷ୍ଠାନ ତଥା ବ୍ୟବହାରକାରୀ ସଂଗଠନ ଇତ୍ୟାଦିଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ଏହା ମଧ୍ୟ କାର୍ଯ୍ୟ କରିବ।

ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୫+୩+୩+୪ ଭଳି ନୂତନ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଅନୁସାରେ ଶିକ୍ଷକମାନଙ୍କୁ ଆବଶ୍ୟକ ସମୟୋପଯୋଗୀ ଦକ୍ଷତା ଯୋଗାଇ ଦେବା ନିମନ୍ତେ ଏହି ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ (NPST)କୁ ଅବିକଳ ଗ୍ରହଣ କରିପାରିବେ ଏବଂ ପ୍ରୟୋଗ କରିପାରିବେ।

# ୨. ଶିକ୍ଷକତା : ଏକ ବୃତ୍ତି

## ୨.୧ ଗୋଟିଏ ବୃତ୍ତି ରୂପେ ଶିକ୍ଷକତା

ସମଗ୍ର ବିଶ୍ୱରେ ଶିକ୍ଷକତାକୁ ଏକ ପବିତ୍ର ବୃତ୍ତି ରୂପେ ବିବେଚନା କରାଯାଏ ଏବଂ ଏହା ସାମାଜିକ ପ୍ରଗତି ସହିତ ଘନିଷ୍ଠ ଭାବେ ଜଡ଼ିତ। ପୁରାକାଳରେ ସମାଜର ସବୁଠାରୁ ସମ୍ମାନାସ୍ପଦ ବ୍ୟକ୍ତି ଥିଲେ ଶିକ୍ଷକ ଏବଂ ସମାଜର ସବୁଠାରୁ ଭଲ ଶିକ୍ଷାପ୍ରାପ୍ତ ବ୍ୟକ୍ତିମାନେ ଏହି ବୃତ୍ତିରେ ପ୍ରବେଶ କରିବାର ସୁଯୋଗ ଲାଭ କରୁଥିଲେ। ଶିକ୍ଷକ ଥିଲେ ଶିକ୍ଷା ବ୍ୟବସ୍ଥାର ପ୍ରାଣବିନ୍ଦୁ ଏବଂ ସେ ଛାତ୍ରର ସକଳ ହିତ ଦୃଷ୍ଟିରୁ ବିବିଧ ଜ୍ଞାନ, ଦକ୍ଷତା ଓ ନୀତିଜ୍ଞାନ ପ୍ରଦାନ କରିବା ଆବଶ୍ୟକ ହେଉଥିଲା। ଶିକ୍ଷାବ୍ୟବସ୍ଥାର ବିବର୍ତ୍ତନ ସହିତ ଶିକ୍ଷକଙ୍କର ଭୂମିକା ମଧ୍ୟ ବଦଳିଗଲା। ତେଣୁ ଦୀର୍ଘକାଳୀନ ଓ ଦୀର୍ଘସ୍ଥାୟୀ ଦେଶ ନିର୍ମାଣର ଲକ୍ଷ୍ୟ ନେଇ ଶିକ୍ଷକଙ୍କ ଗୁଣବତ୍ତା ବୃଦ୍ଧି କରିବା ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଲା। ସାମାଜିକ ରୀତି ଓ ତଦନ୍ତ ଦୃଷ୍ଟିରୁ ବିଚାର କଲେ ଶିକ୍ଷକତା ନିବିଡ଼ ଭାବେ ଏକ ନୀତିନିଷ୍ଠ ଓ ଆଦର୍ଶ ବୃତ୍ତି। ତେଣୁ ଜଣେ ଶିକ୍ଷକ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବା ଆବଶ୍ୟକ ହୋଇଥାଏ।

- ପିଲାମାନଙ୍କର ଯତ୍ନ ନେବା ସହିତ ସେମାନଙ୍କୁ ଭଲ ପାଇବା ଆବଶ୍ୟକ;ପିଲାମାନଙ୍କ ମଧ୍ୟରେ ଥିବା ବିବିଧତାକୁ ବୁଝିବା ଆବଶ୍ୟକ; ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ପୃଷ୍ଠଭୂମିରେ ସେମାନଙ୍କୁ ବୁଝିବା ଆବଶ୍ୟକ; ପିଲାମାନଙ୍କର ଆବଶ୍ୟକତା ଓ ସମସ୍ୟା ପ୍ରତି ସଚେତନ ରହିବା ଆବଶ୍ୟକ; ଏବଂ ସବୁ ପିଲାଙ୍କୁ ସମାନ ବ୍ୟବହାର ଦେଖାଇବା ଆବଶ୍ୟକ।
- ପିଲାମାନଙ୍କୁ ଶ୍ରେଣୀଗୃହରେ ସ୍ଥାଣୁ ଜ୍ଞାନଗ୍ରହିତା ରୂପେ ବିଚାର କରିବା ଉଚିତ ନୁହେଁ; ସେମାନଙ୍କର ପ୍ରାକୃତିକ ପ୍ରବୃତ୍ତିକୁ ଶାଣିତ କରିବା ଆବଶ୍ୟକ; ମନେରଖି ପାଠପଢ଼ିବାରୁ ନିରୁତ୍ସାହିତ କରିବା ଆବଶ୍ୟକ; ଏବଂ ପାଠପଢ଼ାକୁ ଅର୍ଥପୂର୍ଣ୍ଣ, ଆନନ୍ଦଦାୟକ ଓ ସହଭାଗୀ କରାଇବା ଆବଶ୍ୟକ।
- ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକକୁ ଭଲଭାବେ ବୁଝିବା ଆବଶ୍ୟକ ଏବଂ ନିଜ ଅଞ୍ଚଳର ଆବଶ୍ୟକତା ଅନୁସାରେ ତହିଁରେ ଅଞ୍ଚଳିକତା ଭର୍ତ୍ତି କରିବା ଆବଶ୍ୟକ।
- ଶିକ୍ଷାଦାନକୁ କେବଳ ପାଠ୍ୟକ୍ରମରେ ସନ୍ନିବେଶିତ ପାଠରେ ସୀମିତ ରଖିବା ଉଚିତ ନୁହେଁ।
- ଖେଳ, ପ୍ରକଳ୍ପ, ଆଲୋଚନା, ଆଳାପ, ପର୍ଯ୍ୟବେକ୍ଷଣ, ଭ୍ରମଣ, ପରିଦର୍ଶନ ଓ ଅନୁଶୀଳନ ଜରିଆରେ ଶିକ୍ଷାର୍ଥୀକେନ୍ଦ୍ରିକ, କର୍ମକେନ୍ଦ୍ରିକ ଓ ସହଭାଗୀ ଶିକ୍ଷା ଅନୁଭୂତି ଦେବା ଆବଶ୍ୟକ।
- ଶ୍ରେଣୀଗୃହର ବିବିଧତାକୁ ଧ୍ୟାନରେ ରଖି ଶିକ୍ଷାର୍ଥୀଙ୍କର ସାମାଜିକ ଓ ବ୍ୟକ୍ତିଗତ ବାସ୍ତବତା ସହିତ ଶିକ୍ଷାକୁ ସଂଯୁକ୍ତ କରିବା ଆବଶ୍ୟକ।
- ଶିକ୍ଷାର୍ଥୀଙ୍କ ମଧ୍ୟରେ ଶାନ୍ତି, ଗଣତାନ୍ତ୍ରିକ ଜୀବନଧାରା, ସମାନତା, ନ୍ୟାୟ, ସ୍ୱାଧୀନତା, ଭ୍ରାତୃତ୍ୱଭାବ, ଧର୍ମନିରପେକ୍ଷତା ଓ ସାମାଜିକ ପୁନର୍ଗଠନ ପାଇଁ ଆଗ୍ରହ ବିକଶିତ କରାଇବା ଆବଶ୍ୟକ।

ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ସହ ଗଭୀର ଆଲୋଚନା ଓ ପର୍ଯ୍ୟାଲୋଚନାରୁ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ବିଷୟରେ ନିମ୍ନ ସିଦ୍ଧାନ୍ତରେ ସହମତି ପ୍ରକାଶ ପାଇଛି।

- ଉତ୍ତମ ଶିକ୍ଷଣ ବିଷୟରେ ଗଭୀର ସ୍ୱଚ୍ଛତା ଓ ନିଷ୍ଠା ରଖିବା,
- ଉତ୍ତମ ଶିକ୍ଷଣକୁ ନିୟନ୍ତ୍ରିତ କରୁଥିବା ଓ ସେଥିରେ ସହାୟକ ହେଉଥିବା ପାରିପାର୍ଶ୍ୱିକ ଦିଗଗୁଡ଼ିକୁ ବୁଝିବା,
- ନିଜ ବୃତ୍ତିଗତ କାର୍ଯ୍ୟର ଆବଶ୍ୟକ ଦିଗଗୁଡ଼ିକ ବିଷୟରେ ସେମାନଙ୍କୁ ସ୍ୱଷ୍ଟ ଚିତ୍ର ପ୍ରଦାନ କରିବା ଓ ବାରମ୍ବାର ସ୍ମରଣ କରାଇବା; ଶ୍ରେଣୀଗୃହକୁ ଶିକ୍ଷାର୍ଥୀକେନ୍ଦ୍ରିକ କରିବାରେ ଏବଂ ଆତ୍ମ ଅନୁଶୀଳନ ନିମନ୍ତେ ଦିଗଦର୍ଶନ ଦେବା,
- ଶିକ୍ଷକ, ଉତ୍ତମ ଶିକ୍ଷଣରେ ସହଯୋଗ କରିବା ସହିତ ବୃତ୍ତିର ଅଗ୍ରଗତି ନିମନ୍ତେ ଶିକ୍ଷକମାନଙ୍କୁ ପ୍ରସ୍ତୁତ କରିବା ସକାଶେ ଜଗତର ଇକୋସିଷ୍ଟମ ଓ ଏକ୍ସୋସିଷ୍ଟମର ନିର୍ମାଣ ଓ ପରିଚାଳନାକୁ ଭଲ ଭାବେ ବୁଝିବା;

ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ଶିକ୍ଷା ଜରିଆରେ ସଶକ୍ତିକରଣ ଆଡ଼କୁ ଅଗ୍ରସର କରାଉଥିବା ସକାରାତ୍ମକ ଶିକ୍ଷଣ ଅନୁଭୂତି ହାସଲ କରୁଛନ୍ତି ବୋଲି ଶିକ୍ଷକ ଓ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବ। ଶିକ୍ଷା ଅଧିକାର ଆଇନ (RTE) ଆଇନ, ୨୦୦୯ରେ ଏହି ଆଶା ପୋଷଣ କରାଯାଇଛି। ଶିକ୍ଷା ଅଧିକାର ଆଇନ, ୨୦୦୯ ***[ଧାରା ୨୯/୨, ଶିକ୍ଷା ଅଧିକାର ଆଇନ, ୨୦୦୯]*** ରେ ଶିକ୍ଷା ନିଶ୍ଚିତ ଭାବେ ନିମ୍ନ ପ୍ରକାରେ ହେବା ଉଚିତ ବୋଲି ସ୍ୱଷ୍ଟ ଭାବେ କୁହାଯାଇଛି।

- ଗୋଟିଏ ଗଣତାନ୍ତ୍ରିକ, ନ୍ୟାୟପୂର୍ଣ୍ଣ ଓ ଶାନ୍ତିପୂର୍ଣ୍ଣ ସମାଜ ନିର୍ମାଣ ପାଇଁ ଭାରତର ସମ୍ବିଧାନରେ ବର୍ଣ୍ଣିତ ମୂଲ୍ୟବୋଧ ନିଶ୍ଚିତ କରିବେ।
- ଶିକ୍ଷାର୍ଥୀଙ୍କର ସର୍ବାଙ୍ଗୀନ ବିକାଶର ନେତୃତ୍ୱ ଗ୍ରହଣ କରିବେ।
- ଶିକ୍ଷାର୍ଥୀଙ୍କର ମେଧା, ଜ୍ଞାନ ଓ ସାମର୍ଥ୍ୟର ବିକାଶ କରିବେ।
- ଶିକ୍ଷାର୍ଥୀଙ୍କର ଶାରୀରିକ ଓ ମାନସିକ ଦକ୍ଷତାର ସର୍ବାଧିକ ବିକାଶ କରିବେ।
- ଗୋଟିଏ ଶିକ୍ଷାର୍ଥୀକେନ୍ଦ୍ରିକ ତଥା ଶିକ୍ଷାର୍ଥୀ ଅନୁକୂଳ ପଦ୍ଧତିରେ ପଠନକାର୍ଯ୍ୟ, ଆବିଷ୍କାର, ଅନୁସନ୍ଧାନ ଇତ୍ୟାଦି ଜରିଆରେ ଶିକ୍ଷାଦାନ ପାଇଁ ସୁଯୋଗ ସୃଷ୍ଟି କରିବେ।
- ଯଥାସମ୍ଭବ ଶିକ୍ଷାର୍ଥୀର ମାତୃଭାଷାରେ ଶିକ୍ଷାଦାନ ପାଇଁ ପ୍ରୟାସ କରିବେ।
- ଏକ ଭୟମୁକ୍ତ, ଉଦବେଗଶୂନ୍ୟ ଓ ଅଭିଘାତମୁକ୍ତ ପରିବେଶରେ ଶିକ୍ଷାଦାନ ନିଶ୍ଚିତ କରିବେ ଏବଂ ଶିକ୍ଷାର୍ଥୀକୁ ସ୍ୱାଧୀନ ଭାବେ ବାର୍ତ୍ତାଳାପ କରିବାରେ ସାହାଯ୍ୟ କରିବେ।
- ଉଭୟ ଦକ୍ଷତା ଓ ବୋଧଗମ୍ୟତାର ସତତ ଓ ବ୍ୟାପକ ମୂଲ୍ୟାୟନ ପରିଚାଳନା କରିବେ।

ଉପରୋକ୍ତ ପଦ୍ଧତି ପ୍ରତ୍ୟେକ ପିଲାକୁ ଗୋଟିଏ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଜିଇଁବାରେ ସହାୟତା କରିବ।

ଭାରତର ସମ୍ବିଧାନ ଶିକ୍ଷାକୁ ଅନ୍ତର୍ଭୁକ୍ତି କରିବା ପାଇଁ ସ୍ୱତନ୍ତ୍ର ପ୍ରୟାସ କରାଯିବା ପ୍ରତି ଦୃଷ୍ଟି ଆକର୍ଷଣ କରେ। ଏହା ଆହୁରି ମଧ୍ୟ କହେ ଯେ ଆମ ଶିକ୍ଷା ବ୍ୟବସ୍ଥା ମୁଖ୍ୟସ୍ରୋତରୁ ବହିର୍ଭୁକ୍ତ ଗୋଷ୍ଠୀ, ଭାଷା ଓ ସଂସ୍କୃତି ଦୃଷ୍ଟିରୁ ସଂଖ୍ୟାଲଘୁ ଗୋଷ୍ଠୀ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ବର୍ଗର ପିଲା ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ପାଇଁ ମଧ୍ୟ ଉପଯୋଗୀ ହେବା ଆବଶ୍ୟକ। ଶିକ୍ଷା ଅଧିକାର ଆଇନ ଏବଂ ନୂତନ

ଶିକ୍ଷା ନୀତି ୨୦୨୦ରେ ଶିକ୍ଷା ପାଇଁ ଯେଉଁ ପୁରୋଦୃଷ୍ଟି ଉପସ୍ଥାପନ କରାଯାଇଛି, ତାହା ବିଦ୍ୟାଳୟ ଶିକ୍ଷାର ସବୁ ସ୍ତରରେ ଅନ୍ତର୍ଭୁକ୍ତି ଶିକ୍ଷା ଶ୍ରେଣୀଗୃହର ବିବିଧତାକୁ ଗୁରୁତ୍ୱ ପ୍ରଦାନ କରିଛି।

ନୂତନ ଶିକ୍ଷା ନୀତି ୨୦୨୦ରେ ଯେଉଁ ସ୍ୱତନ୍ତ୍ର ଆହ୍ୱାନ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି, ସେହି ଆହ୍ୱାନର ସମାଧାନ ପାଇଁ ଶିକ୍ଷକଙ୍କ ଶିକ୍ଷାଦାନ ନିମ୍ନ ମତେ ହେବା ଉଚିତ। ***(ନୀତିର ବିଚାରଧାରା)***

- ସ୍ମରଣ ଆଧାରିତ ଶିକ୍ଷାଦାନ ବଦଳରେ ଉଚ୍ଚ ସୋପାନର ଚିନ୍ତନ, ଜଟିଳ ଚିନ୍ତନ, ଅନୁସନ୍ଧାନ, ଏକବିଂଶ ଶତାବ୍ଦୀର ଦକ୍ଷତା ଭିତ୍ତିକ ଶିକ୍ଷାଦାନ ହେବା ଆବଶ୍ୟକ,
- ଶିକ୍ଷା ବହୁବିଷୟକ, ଅନୁଭୂତି ଆଧାରିତ ଓ ପରୀକ୍ଷା ଆଧାରିତ ହେବା ଆବଶ୍ୟକ,
- ବହୁଭାଷୀ ଶିକ୍ଷା,
- ଶିକ୍ଷା ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟବୋଧ ପ୍ରଦାନ କରିବା ସହ ପାରମ୍ପାରିକ ଜ୍ଞାନସୂତ୍ର ସହ ସଂଯୁକ୍ତ କରିବା ଆବଶ୍ୟକ।

## ୨.୨ ବୃତ୍ତିଗତ ମାନଦଣ୍ଡ କଣ ଜାଣିବା

'ମାନଦଣ୍ଡ' କହିଲେ ବିଭିନ୍ନ ଦେଶରେ ଓ ଭିନ୍ନଭିନ୍ନ କ୍ଷେତ୍ରରେ ଭିନ୍ନଭିନ୍ନ ଅର୍ଥରେ ଗ୍ରହଣ କରାଯାଇଥାଏ। ମାନଦଣ୍ଡ ହେଉଛି ଗୋଟିଏ ବୃତ୍ତିରେ ଆବଶ୍ୟକ ହେଉଥିବା ଗୁଣାବଳୀ ଏବଂ ସାଧାରଣତଃ ଏହାରି ଜରିଆରେ ଶିକ୍ଷଣ ମାଧ୍ୟମରେ କେଉଁ ସବୁ ଲକ୍ଷ୍ୟ ହାସଲ କରାଯିବାର ଆବଶ୍ୟକତା ଅଛି, ତାହା ବର୍ଣ୍ଣନା କରାଯାଇଥାଏ। ଶିକ୍ଷଣ କ୍ଷେତ୍ରରେ ମାନଦଣ୍ଡ କହିଲେ ଶିକ୍ଷଣର ଫଳାଫଳକୁ ବୁଝାଇଥାଏ, କିନ୍ତୁ ଗୋଟିଏ ବୃତ୍ତି କ୍ଷେତ୍ରରେ ଏହା ବୃତ୍ତିଗତ କୁଶଳତାର ବିଭିନ୍ନ ଦିଗକୁ ବୁଝାଇଥାଏ। ଅର୍ଥାତ, ନିର୍ଦ୍ଦିଷ୍ଟ ଏକ ବୃତ୍ତିରେ ଜଣେ କେଉଁ ସବୁ କାର୍ଯ୍ୟ କରିବାକୁ ସକ୍ଷମ ହେଉଥିଲେ ତାଙ୍କୁ ସୁଦକ୍ଷ ବା କୁଶଳୀ କୁହାଯିବ, ମାନଦଣ୍ଡ ତାହା ହିଁ ବ୍ୟାଖ୍ୟା କରିଥାଏ। ଅନ୍ୟ ଭାଷାରେ କହିଲେ, ମାନଦଣ୍ଡ ଏକ ବେଞ୍ଚମାର୍କ ବା ଏକ ସାଙ୍କେତିକ ପରିମାପ ଯାହା ଜଣେ ବୃତ୍ତିଧାରୀଙ୍କ କାର୍ଯ୍ୟ କୁଶଳତାକୁ ବୁଝାଇଥାଏ, ଯେଉଁ କାର୍ଯ୍ୟ କୁଶଳତା ଦ୍ୱାରା ତାଙ୍କୁ ସେହି ବୃତ୍ତିରେ ଜଣେ ସୁଦକ୍ଷ ବା କୁଶଳୀ ବ୍ୟକ୍ତି ବୋଲି କୁହାଯାଇପାରିବ। ମାନଦଣ୍ଡ ଏକ ସଜ୍ଞା ଯାହା ଗୋଟିଏ ବୃତ୍ତିରେ ଆବଶ୍ୟକ ଗୁଣାବଳୀକୁ ବୁଝାଏ ଏବଂ ଶିକ୍ଷା କ୍ଷେତ୍ରରେ ଏକ ଅନ୍ତର୍ନିହିତ ଧାରଣା ଥିବା ଗୁଣାତ୍ମକ ଶିକ୍ଷାକୁ ହିଁ ବୁଝାଇଥାଏ। ସେହି ସଜ୍ଞା ଜଣେ ଶିକ୍ଷକ କଣ ଜାଣିବା ଉଚିତ, କଣ କରିବାକୁ ସକ୍ଷମ ହେବା ଉଚିତ ଏବଂ କଣ ବିଶ୍ୱାସ କରିବା ଉଚିତ, ତାହା ବର୍ଣ୍ଣନା କରିଥାଏ।

## ୨.୩ ଶିକ୍ଷକ ଓ ଶିକ୍ଷଣ ପାଇଁ ବୃତ୍ତିଗତ ମାନଦଣ୍ଡର ଗୁରୁତ୍ୱ

ଉତ୍ତମ ଶିକ୍ଷଣ କଣ ଏବଂ ଜଣେ ଶିକ୍ଷକଙ୍କର ବୈଶିଷ୍ଟ୍ୟ ଓ ଗୁଣଗୁଡ଼ିକ କଣ, ତାହା ଶିକ୍ଷା ସମ୍ବନ୍ଧୀୟ ବହୁ ନୀତିପତ୍ରରେ ବିଶଦ ଭାବରେ ବର୍ଣ୍ଣିତ ବା ଅନ୍ତର୍ନିହିତ ଭାବେ ସନ୍ନିବେଶିତ । ସେହି ଧାରଣାଗୁଡ଼ିକ ସେବାକାଳୀନ ତାଲିମ ବା ଶିକ୍ଷାର ଲକ୍ଷ୍ୟ କଣ ହେବା ଉଚିତ, ତାହା ନିର୍ଣ୍ଣୟ କରିଥାଏ। ତାହାରି ଆଧାରରେ ଶିକ୍ଷାର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପୃଷ୍ଠପୋଷକତାରେ ସର୍ବଶିକ୍ଷା ଅଭିଯାନ(SSA) ପରି ଅନେକଗୁଡ଼ିଏ ଅଭିଯାନ ଆରମ୍ଭ ହୋଇଛି। ଏହି ଧାରଣାଗୁଡ଼ିକ ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର (NCFTE,୨୦୦୯)ରେ ଅନ୍ତର୍ନିହିତ ଭାବେ ସନ୍ନିବେଶିତ ହୋଇଅଛି ଏବଂ ନୂତନ ଶିକ୍ଷା ନୀତି ୨୦୨୦ରେ ଶିକ୍ଷକମାନଙ୍କ ପାଇଁ ପ୍ରାକସେବାକାଳୀନ ତାଲିମ ପାଇଁ ପାଠ୍ୟକ୍ରମ ଆଧାର ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଅଛି।

ଜାତୀୟ ଶିକ୍ଷାନୀତି ପ୍ରସ୍ତାବନା ରଖିଅଛି ଯେ କର୍ମନିଷ୍ଠା, ବୃତ୍ତିଗତ ବିକାଶ, ବୃତ୍ତିର ବିଭିନ୍ନ ସୋପାନରେ ବିକାଶର ଦିଗ ଏବଂ ଉତଥାନ ପ୍ରଦର୍ଶିତ କରୁଥିବା ବୃତ୍ତିଟିଏ କିପରି ସୃଷ୍ଟି ହେବ ଏବଂ ରୂପ ପାଇବ, ତାହା ବୃତ୍ତିଗତ ମାନଦଣ୍ଡ ଦ୍ୱାରା ପରିଚାଳିତ ହେବ। ବୃତ୍ତିଗତ ମାନଦଣ୍ଡ ଶିକ୍ଷକଙ୍କ ପାଇଁ ନିମ୍ନ ସଫଳତା ହାସଲରେ ସହାୟକ ହେବ।

- ଶିକ୍ଷକଙ୍କର କାର୍ଯ୍ୟାବଳୀ କିପରି ହେବ ତାହା ବ୍ୟାଖ୍ୟା କରିବା
- ଶିକ୍ଷକଙ୍କ ପାଇଁ କାର୍ଯ୍ୟକ୍ଷମ ସେବା ସର୍ତ୍ତାବଳୀ ପ୍ରସ୍ତୁତ କରିବା
- ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ରୂପରେଖ ପୁନଃ ନିର୍ଦ୍ଧାରଣ କରିବା
- ଶିକ୍ଷକ ପଞ୍ଜୀକରଣ କରିବା
- ଜୀବନବ୍ୟାପୀ ଶିକ୍ଷା ଓ ବୃତ୍ତିଗତ ବିକାଶକୁ ପ୍ରୋତ୍ସାହିତ କରିବା
- ଶିକ୍ଷକଙ୍କ ଯୋଗ୍ୟତାର ସମତା ପ୍ରତିଷ୍ଠା କରିବା ଏବଂ ଗତିଶୀଳତା ବୃଦ୍ଧି କରିବା
- ଶିକ୍ଷକଙ୍କ ଗୁଣବତ୍ତାର ମୂଲ୍ୟାୟନ କରିବା
- ଶିକ୍ଷକମାନଙ୍କୁ ପ୍ରେରଣା ପ୍ରଦାନ କରିବା
- ଶିକ୍ଷକମାନଙ୍କର କର୍ମନିଷ୍ଠା ଓ କର୍ତ୍ତବ୍ୟ ସୁନିଶ୍ଚିତ କରିବା

ନିର୍ଦ୍ଦିଷ୍ଟ ଉପଯୋଗର ଆଧାରରେ ଏହି ବୃତ୍ତିଗତ ମାନଦଣ୍ଡର ବିଭିନ୍ନ ଦିଗର ବ୍ୟବହାର ଭିନ୍ନ ହୋଇପାରେ; କିନ୍ତୁ ତା ସତ୍ତ୍ୱେ ଗୋଟିଏ ସାଧାରଣ ମାନଦଣ୍ଡ ସୁନିଶ୍ଚିତ କରିପାରିବ ଯେ ସବୁ ନୀତି ବା ସବୁ ଆଇନରେ ଶିକ୍ଷକଙ୍କର ଓ ଗୋଟିଏ ବୃତ୍ତି ଭାବେ ଶିକ୍ଷକତାର ଧାରଣା ସ୍ଥିର ଓ ସମତୁଲ ରହିବ।


# ୩. ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ

ଭାରତର ଜ୍ଞାନ ପରିବେଷ୍ଟନୀ ଏବେ ଦ୍ରୁତ ପରିବର୍ତ୍ତନଶୀଳ। ତେଣୁ ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ କରିବା ଆବଶ୍ୟକ ହୋଇପଡ଼ିଛି। ଭାରତର ଜାତୀୟ ଶିକ୍ଷା ନୀତି ୨୦୨୦ ଦେଶ ପାଇଁ ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଏବଂ ଏହା ଦେଶର ବିକାଶର ବହୁ ଅଭୀଷ୍ଟ ପୂରଣ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ଶିକ୍ଷକମାନେ ବାସ୍ତବରେ ପିଲାମାନଙ୍କର ଭବିଷ୍ୟତ ନିର୍ମାଣ କରନ୍ତି, ଅତଏବ ଆମ ଦେଶର ଭବିଷ୍ୟତ ମଧ୍ୟ ଶିକ୍ଷକ ହିଁ ନିର୍ମାଣ କରନ୍ତି। ତେଣୁ ସମସ୍ତଙ୍କ ପାଇଁ ସର୍ବାଙ୍ଗୀନ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ନୂତନ ଶିକ୍ଷା ନୀତି ୨୦୨୦ ଶିକ୍ଷଣ ବୃତ୍ତିର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛି ଏବଂ ସମସ୍ତ ପ୍ରକାର ପୁନର୍ଗଠନର କେନ୍ଦ୍ରରେ ଶିକ୍ଷକଙ୍କୁ ଅବସ୍ଥାପିତ କରିଛି। ଦେଶର ସବୁଠାରୁ ମେଧାବୀ ଓ ସବୁଠାରୁ ଭଲ ବ୍ୟକ୍ତି କିପରି ଶିକ୍ଷଣ ବୃତ୍ତିରେ ପ୍ରବେଶ କରିବେ ଏବଂ ସେମାନେ କିପରି ସେମାନଙ୍କ ଦକ୍ଷତାର ଶୀର୍ଷରେ ପହଞ୍ଚି ଶ୍ରେଷ୍ଠ ସେବା ପ୍ରଦାନ କରିପାରିବେ, ସେଥିପାଇଁ ପ୍ରେରଣା ଦେବାକୁ ସର୍ବାଧିକ ପ୍ରୟାସ କରାଯାଇଅଛି।

## ୩.୧ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ଯଥାର୍ଥତା

ଶିକ୍ଷକ ଶିକ୍ଷା "୨୦୨୨ ସୁଦ୍ଧା ସାଧାରଣ ଶିକ୍ଷା ପରିଷଦ (General Education Council- GEC) ଆନୁକୁଲ୍ୟରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (National Council for Teacher Education- NCTE)ର ବୃତ୍ତିଗତ ମାନଦଣ୍ଡ ନିର୍ଦ୍ଧାରଣ ସଂସ୍ଥା (Professional Standard Setting Body- PSSB) ରୂପକ ଏକ ନୂଆ କମିଟି ଦ୍ୱାରା ଶିକ୍ଷକମାନଙ୍କର ଜାତୀୟ ବୃତ୍ତିଗତ ମାନଦଣ୍ଡ (National Professional Standard for Teachers- NPST) ର ଏକ ମାର୍ଗଦର୍ଶୀ ସୂଚୀ ପ୍ରସ୍ତୁତ କରାଯିବ। ଏହା ଏନସିଇଆରଟି, ଏସସିଇଆରଟି, ବିଭିନ୍ନ ସ୍ତରର ଓ ଅଞ୍ଚଳର ଶିକ୍ଷକ, ଶିକ୍ଷକ ପ୍ରସ୍ତୁତି ଓ ବିକାଶରେ ସାହାଯ୍ୟ କରୁଥିବା ଖ୍ୟାତିସମ୍ପନ୍ନ ସଂସ୍ଥା, ଧନ୍ଦାମୂଳକ ଶିକ୍ଷାରେ ବିଶେଷ ଜ୍ଞାନ ଥିବା ସଂସ୍ଥା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କର ମିଳିତ ପରାମର୍ଶରେ କରାଯିବ। ଏହି ମାନଦଣ୍ଡ ବିଭିନ୍ନ ସ୍ତରର ଓ ବର୍ଗର ଶିକ୍ଷକଙ୍କଠାରୁ ଆଶା କରାଯାଉଥିବା ଭୂମିକା ଓ ଦକ୍ଷତା ବିଷୟରେ ସୂଚନା ଦେବ। ଏଥିରେ ପ୍ରତ୍ୟେକ ସ୍ତରର ଶିକ୍ଷକଙ୍କର କୃତି ପ୍ରଦର୍ଶନ ଆକଳନ କରିବା ପାଇଁ ସୂଚକ ରହିବ ଏବଂ ଏହାକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କାର୍ଯ୍ୟକାରୀ କରାଯିବ। ଏନପିଏସଟି ନିଯୁକ୍ତି/ସେବା ପୂର୍ବର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ଢାଞ୍ଚା ମଧ୍ୟ ପ୍ରସ୍ତୁତ କରିବ। ତା ପରେ ଏହାକୁ ରାଜ୍ୟଗୁଡ଼ିକ ଗ୍ରହଣ କରିପାରିବେ ଏବଂ ଶିକ୍ଷକଙ୍କର ବୃତ୍ତିଗତ ପରିଚାଳନା ସ୍ଥିର କରିପାରିବେ, ଯେଉଁଥିରେ ଶିକ୍ଷକଙ୍କର କାର୍ଯ୍ୟକାଳ ଅବଧି, ବୃତ୍ତିଗତ ବିକାଶ ପାଇଁ କାର୍ଯ୍ୟ, ବେତନ ବୃଦ୍ଧି, ପଦୋନ୍ନତି ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଆଦି ସନ୍ନିବେଶିତ ରହିବ। କାର୍ଯ୍ୟକାଳ ଅବଧି ଓ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଓ ବେତନ ବୃଦ୍ଧି କରାଯିବନାହିଁ, ଏହା କେବଳ କୃତି ଆକଳନ ଆଧାରରେ କରାଯିବ। ୨୦୩୦ରେ ଏହି ବୃତ୍ତିଗତ ମାନଦଣ୍ଡର ସମୀକ୍ଷା ଓ ସଂଶୋଧନ କରାଯିବ ଏବଂ ତାପରେ ପ୍ରତି ଦଶବର୍ଷରେ ଏକ ପ୍ରମାଣସିଦ୍ଧ ବିଶ୍ଳେଷଣ ଆଧାରରେ ଏହି ବ୍ୟବସ୍ଥାର ଫଳାଫଳକୁ ଆକଳନ କରି ସଂଶୋଧନ କରାଯିବ।"

*(ପରିଚ୍ଛେଦ ୫.୨୦, ଜାତୀୟ ଶିକ୍ଷା ନୀତି ୨୦୨୦)*




ଚିତ୍ର ୧: ଶିକ୍ଷକ ପ୍ରସ୍ତୁତି

**୩.୧.୧ ଶିକ୍ଷକ ଶିକ୍ଷା:** ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ନୂତନ ଶିକ୍ଷା ନୀତି ୨୦୨୦ରେ କୁହାଯାଇଥିବା ଅନୁସାରେ ପ୍ରାକ-ସେବାକାଳୀନ ୪-ବର୍ଷିଆ, ୨-ବର୍ଷିଆ ଓ ୧-ବର୍ଷିଆ ବି. ଏଡ. ପାଠ୍ୟକ୍ରମ ପ୍ରସ୍ତୁତ କରିବ।

**୩.୧.୨ ଶିକ୍ଷକଙ୍କ ଭୂମିକା ପରିଚାଳନା:** ଏହି ମାନଦଣ୍ଡ କୁଶଳତାର ବିଭିନ୍ନ ସୋପାନରେ ଶିକ୍ଷକଙ୍କ ଭୂମିକା ଓ ସେହି ସୋପାନ ପାଇଁ ଆବଶ୍ୟକ ହେଉଥିବା ଶିକ୍ଷଣ ଦକ୍ଷତା ବିଷୟରେ ଥିବା ସମସ୍ତ ଆକାଂକ୍ଷା ପୂରଣ କରିବ। ଏହି ମାନଦଣ୍ଡ ପ୍ରତି ସୋପାନରେ ଶିକ୍ଷକଙ୍କ ସଫଳତାର ମୂଲ୍ୟାୟନ ପାଇଁ ପରିମାପକ ପ୍ରସ୍ତୁତ କରିବ।

**୩.୧.୩ ଶିକ୍ଷକଙ୍କ ବୃତ୍ତି ପରିଚାଳନା:** ସେବାକାଳ, ବୃତ୍ତିଗତ ବିକାଶ ପାଇଁ ପ୍ରୟାସ, ଦରମା ବୃଦ୍ଧି, ପଦୋନ୍ନତି ଓ ଅନ୍ୟ ସ୍ୱୀକୃତି ସମେତ ଶିକ୍ଷକଙ୍କ ବୃତ୍ତିର ସମଗ୍ର ପରିଚାଳନା ଏହି ମାନଦଣ୍ଡ ସ୍ଥିର କରିବ।

**୩.୧.୪ ଶିକ୍ଷକଙ୍କ ବୃତ୍ତିଗତ ବିକାଶ:** ଶିକ୍ଷକମାନଙ୍କୁ ବୃତ୍ତି କ୍ଷେତ୍ରରେ ଆତ୍ମବିକାଶ ପାଇଁ ତଥା ଶିକ୍ଷକ ବୃତ୍ତି କ୍ଷେତ୍ରର ନିତ୍ୟନୂତନ ଆବିଷ୍କାର ଓ ପ୍ରଗତି ବିଷୟରେ ଜାଣିବା ପାଇଁ ନିରନ୍ତର ସୁଯୋଗ ପ୍ରଦାନ କରାଯିବ।

ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଶିକ୍ଷକ ପ୍ରସ୍ତୁତି ଏକ ବହୁବିଧ ବିଷୟ ସମ୍ବଳିତ କାର୍ଯ୍ୟ ଯାହା ବିବିଧ ଦୃଷ୍ଟିଭଙ୍ଗୀ ଓ ବହୁ ବିଷୟର ଜ୍ଞାନ, ସ୍ୱଭାବ ଓ ମୂଲ୍ୟବୋଧର ବିନ୍ୟାସ ଓ ସୁଦକ୍ଷ ଉପଦେଷ୍ଟାଙ୍କ ଅଧୀନରେ ଶିକ୍ଷାଦାନର ବିକାଶ ଆବଶ୍ୟକ କରେ। ଏଥିପାଇଁ ଜଣେ ଶିକ୍ଷକ ଭାରତୀୟ ମୂଲ୍ୟବୋଧ, ଭାଷା, ଦୃଷ୍ଟିଭଙ୍ଗୀ ଓ ପରମ୍ପରା ଆଦି ବିଷୟରେ ଗଭୀର ଜ୍ଞାନ ଧାରଣ କରିଥିବା ସହିତ ଶିକ୍ଷା ଓ ଶିକ୍ଷଣ କ୍ଷେତ୍ରରେ ଉପଲବ୍ଧ ସଦ୍ୟତମ ଜ୍ଞାନ ଓ ଆବିଷ୍କାର ବିଷୟରେ ଅବଗତ ରହିବା ଆବଶ୍ୟକ। ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଶିକ୍ଷଣର ଗୁଣବତ୍ତା ଏବଂ ଭାରତର ଛାତ୍ରଛାତ୍ରୀଙ୍କର ଶିକ୍ଷଣ ଉତ୍ପାଦର ଉନ୍ନତି ନିମନ୍ତେ ଆବଶ୍ୟକତାର ଏକ ମୁକ୍ତ ବ୍ୟାଖ୍ୟାନ। ଏହି ମାନଦଣ୍ଡ ଜଣେ ଶିକ୍ଷକ ତାଙ୍କ

ସେବାକାଳର ଭିନ୍ନଭିନ୍ନ ସୋପାନରେ କେଉଁଭଳି କୁଶଳତା ହାସଲ କରିବା ଆଶା କରାଯାଏ ସେ ସବୁ ବିଷୟ ବ୍ୟାଖାନର ସମାହାର। ଉତ୍ତମ ଶିକ୍ଷଣ କହିଲେ କଣ ଏବଂ ଏକବିଂଶ ଶତାବ୍ଦୀର ଶିକ୍ଷକ କିପରି ଶିକ୍ଷାଦାନ କରିବା ଆବଶ୍ୟକ ତାହା ମଧ୍ୟ ପ୍ରକାଶ କରିଥାଏ।

## ୩.୨ ଶିକ୍ଷକଙ୍କ ପାଇଁ ବୃତ୍ତିଗତ ମାନ

ଶିକ୍ଷକମାନଙ୍କ ପାଇଁ ବୃତ୍ତିଗତ ମାନଦଣ୍ଡର ଏହି ଆଧାର ଉତ୍ତମ ଶିକ୍ଷକ ଓ ଉତ୍ତମ ଶିକ୍ଷଣର ଗୁଣବତ୍ତା ବିଷୟରେ ଉଭୟ ବହିରାଗତ ଓ ଅନ୍ତର୍ନିହିତ ଅଭିବ୍ୟକ୍ତି ଭିତ୍ତିରେ ପ୍ରସ୍ତୁତ। ତା ସହିତ ଭାରତର ଶିକ୍ଷକ ନିର୍ମାଣ ଓ ଶିକ୍ଷଣ ଉପରେ କରାଯାଇଥିବା ଗବେଷଣା ଉପରେ ଗୁରୁତ୍ୱ ଦେଇଥାଏ ତଥା ଶିକ୍ଷକ ଓ ଶିକ୍ଷଣ କଣ ତାହା ଆଲୋଚନା କରିବା ସହିତ ତାହାର ମୂଲ୍ୟାୟନ ପନ୍ଥା ନିର୍ଣ୍ଣୟ କରିଥାଏ।

**କ) କାର୍ଯ୍ୟଦକ୍ଷତା**

ଏହି ବୃତ୍ତିଗତ ମାନଦଣ୍ଡ ପ୍ରସ୍ତୁତ କରିବା ସମୟରେ ଶିକ୍ଷଣ ବୃତ୍ତି ପାଇଁ ଅତ୍ୟାବଶ୍ୟକ କାର୍ଯ୍ୟଦକ୍ଷତାଗୁଡ଼ିକୁ ମଧ୍ୟ ଗୋଟିଏ ଗୋଟିଏ ମାନ ହିସାବରେ ଗ୍ରହଣ କରାଯାଇଛି। କାର୍ଯ୍ୟଦକ୍ଷତା କହିଲେ ଏକ ନିର୍ଦ୍ଦିଷ୍ଟ ପରିସରରେ ପ୍ରଭାବଶାଳୀ କାର୍ଯ୍ୟ ସାଧନ ପାଇଁ ଆବଶ୍ୟକ ହେଉଥିବା ଜ୍ଞାନ, ଦକ୍ଷତା, ବୋଧ, ମୂଲ୍ୟବୋଧ, ମନୋଭାବ ଏବଂ ଆକାଂକ୍ଷାର ସମାହାର ରୂପେ ବୁଝାଯାଇଥାଏ।

**ଖ) କାର୍ଯ୍ୟପରିସର**

ଶିକ୍ଷକଙ୍କ ଜ୍ଞାନ ଓ ଶିକ୍ଷଣ ସାଧନ (ଶିକ୍ଷାଦାନ ପୂର୍ବବର୍ତ୍ତୀ, ଶିକ୍ଷାଦାନ କାଳ ଓ ଶିକ୍ଷାଦାନ ପରବର୍ତ୍ତୀ) ଉଭୟ ପରସ୍ପର ଅନ୍ତର୍ସଂଯୁକ୍ତ ଦୁଇଟି ପରିସର। ଉଭୟ ପରିସର ବିଶ୍ୱାସ, ଦକ୍ଷତା, ବାର୍ତ୍ତାଳାପ ଦକ୍ଷତା, ବୃତ୍ତିଗତ ପରିଚୟ, ନୈତିକତା, ମୂଲ୍ୟବୋଧ ଏବଂ ବିନ୍ୟାସ ସହ ସମ୍ପୃକ୍ତ। ତେଣୁ ନିମ୍ନ ତିନିଗୋଟି ପ୍ରସଙ୍ଗକୁ ମାନଦଣ୍ଡର ତିନୋଟି ପରିସର ରୂପେ ଚିହ୍ନିତ କରାଯାଇଅଛି।

୧. ମୌଳିକ ମୂଲ୍ୟବୋଧ ଓ ନୈତିକତା

୨. ଜ୍ଞାନ ଓ ସାଧନା

୩. ବୃତ୍ତିଗତ ବିକାଶ ଓ ପ୍ରଗତି

**ଗ) ଶିକ୍ଷକ ଚରିତ**

ଯେତେଦୂର ସମ୍ଭବ ଶିକ୍ଷଣ କୁଶଳତାର ଉନ୍ନତି ଓ ବିକାଶର ଧାରଣା ଉତ୍ତମ ଶିକ୍ଷାଦାନର ଅଗ୍ରଗତିର ଢାଞ୍ଚା ଉପରେ ଆଧାରିତ। ବୃତ୍ତିଧାରୀମାନେ ହାସଲ କରୁଥିବା ଉନ୍ନତ ମାନର ସ୍ୱୀକୃତି ଭିତ୍ତିରେ ପ୍ରଗତିର ଢାଞ୍ଚା ମଧ୍ୟ ନିର୍ଣ୍ଣିତ ହୋଇଥାଏ। ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ପାଇଁ ଶିକ୍ଷଣର ସମସ୍ତ ପରିସର ଓ ସବୁ ପ୍ରକାରର କୁଶଳତା ପାଇଁ ନିମ୍ନ ତିନିଗୋଟି ସୋପାନର ପ୍ରସ୍ତାବନା କରାଯାଉଅଛି। ଏହା ବିଦ୍ୟାଳୟ ଶିକ୍ଷାର ସମସ୍ତ ସୋପାନ ତଥା ସମସ୍ତ ବିଷୟ ପାଇଁ ପ୍ରଯୁଜ୍ୟ ଅଟେ। ଏହି ସୋପାନଗୁଡ଼ିକ ତଥା ତାହାର ବ୍ୟାଖ୍ୟାନ ଜଣେ ଶିକ୍ଷକ କଣ କରିପାରିବେ ଏବଂ କେଉଁ କ୍ଷେତ୍ରରେ ନିଜକୁ ଅଧିକ ବିକଶିତ କରିପାରିବେ ସେ ବିଷୟରେ ଏକ ବିଚାରଧାରା ସ୍ଥିର କରିପାରିବ। ସେହି ତିନୋଟି ସୋପାନରେ ଜଣେ ଶିକ୍ଷକ ହାସଲ କରିଥିବା ସଫଳତା ଆଧାରରେ ତାଙ୍କୁ ସ୍ଥାନିତ କରାଯାଇପାରିବ।

୧. ପ୍ରବୀଣ ଶିକ୍ଷକ

୨. ଉନ୍ନତ ଶିକ୍ଷକ

୩. କୁଶଳୀ ଶିକ୍ଷକ

ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଉଚ୍ଚମାନର ଶିକ୍ଷକ ନିର୍ମାଣ ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ସଂଗଠନମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ମାର୍ଗଦର୍ଶୀ ପୁସ୍ତିକା। ଏହା ଜଣେ ବ୍ୟକ୍ତି ଶିକ୍ଷକ ହେବାପାଇଁ ନିଷ୍ପତ୍ତି ନେବା ଦିନଠାରୁ ଶିକ୍ଷକତା ସେବାରୁ ନିବୃତ୍ତ ହେବା ଦିନ ପର୍ଯ୍ୟନ୍ତ ସମଗ୍ର ସମୟ ନିମନ୍ତେ ଦକ୍ଷତା ନିର୍ମାଣର ନକ୍ସା ପ୍ରଦାନ କରିଥାଏ। ଏହି ପୁସ୍ତିକା ଶିକ୍ଷକ ଶିକ୍ଷା ଅନୁଷ୍ଠାନମାନଙ୍କୁ ଉଚ୍ଚ ମାନର ଶିକ୍ଷକ ନିର୍ମାଣ ପାଇଁ ମଧ୍ୟ ଦିଗଦର୍ଶନ ଦେଇଥାଏ।

ଏହି ମାନଦଣ୍ଡକୁ ଶିକ୍ଷକ ଚରିତର ନିର୍ଦ୍ଦିଷ୍ଟ ସୋପାନରେ ସାଧନପୂର୍ବ ଆବଶ୍ୟକତା ରୂପେ ବର୍ଣ୍ଣନା କରାଯାଇଥାଏ। ଜଣେ ଶିକ୍ଷକଙ୍କୁ ଏହି ସାଧନପୂର୍ବ ଆବଶ୍ୟକତା ହାସଲ କରିବାକୁ ହେବ ଏବଂ ସେବାକାଳର ଧାର୍ଯ୍ୟ ସୋପାନରେ ପହଞ୍ଚିବା ପାଇଁ ନିଜେ ହାସଲ କରିଥିବା ଦକ୍ଷତାର ନିଦର୍ଶନ ଉପସ୍ଥାପନ କରିବାକୁ ହେବ। ଜଣେ ଶିକ୍ଷକ ସେହି ଦକ୍ଷତା ହାସଲ କରିସାରିବା ପରେ ପ୍ରମାଣପତ୍ର ହାସଲ କରିବେ ଏବଂ ତାପରେ ସେ ସେହି ସୋପାନକୁ ଉନ୍ନୀତ ହୋଇପାରିବେ। ତାପରେ ସେ ହାସଲ କରିଥିବା ଦକ୍ଷତାକୁ ନିଜ ଶିକ୍ଷଣରେ ପ୍ରୟୋଗ କରିପାରିବେ ଓ ପୁଣି ପରବର୍ତ୍ତୀ ସୋପାନକୁ ଉନ୍ନୀତ ହେବାକୁ କାର୍ଯ୍ୟ ଆରମ୍ଭ କରିପାରିବେ।

ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (TEP)ରେ ପ୍ରବେଶ କରିବା ଦିନରୁ ହିଁ ଜଣେ ବ୍ୟକ୍ତିଙ୍କ ପାଇଁ ଜଣେ ସଫଳ ଶିକ୍ଷକ ହେବାର ଯାତ୍ରା ଆରମ୍ଭ ହୋଇଯାଏ। ଶିକ୍ଷକ ବୃତ୍ତି ପାଇଁ ପ୍ରସ୍ତୁତ ହେଉଥିବା ସମୟରୁ ଜଣେ ଛାତ୍ର-ଶିକ୍ଷକ କେଉଁ କେଉଁ ଦକ୍ଷତା ହାସଲ କରିବା ଆବଶ୍ୟକ ତାହା ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ପ୍ରକାଶ କରିଥାଏ। ତେଣୁ ଯେତେବେଳେ ଜଣେ ଭାବୀଶିକ୍ଷକ ଶିକ୍ଷଣ ବୃତ୍ତିରେ ପ୍ରବେଶ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରନ୍ତି, ସେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ କୌଣସି ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ପଞ୍ଜୀକୃତ ହେବେ। ସେହିଭଳି ଭାବୀଶିକ୍ଷକମାନେ ଶିକ୍ଷଣ ବୃତ୍ତିର ପ୍ରାରମ୍ଭିକ ସୋପାନରେ ଯେଉଁଯେଉଁ ଦକ୍ଷତା ହାସଲ କରିବା କଥା, ତାହାରି ଆଧାରରେ ପ୍ରସ୍ତୁତ ହୋଇଥିବା ଶିକ୍ଷକ ଶିକ୍ଷା ପାଠ୍ୟକ୍ରମରେ ପାଠଦାନ କରାଯାଇ ଯୋଗ୍ୟ କରାଯିବ। ଏହି ସୋପାନରେ ଶିକ୍ଷଣ ବୃତ୍ତି ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଦକ୍ଷତାଗୁଡ଼ିକ ପ୍ରାକସେବା ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକ ସେମାନଙ୍କ ପାଠ୍ୟକ୍ରମରେ ପଢ଼ାଇବାର ବ୍ୟବସ୍ଥା ରହିବ। ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ କାଳରେ ନିରନ୍ତର ଅଭ୍ୟାସ ଓ ଉପଦେଷ୍ଟାଙ୍କ ପ୍ରଯତ୍ନ ବଳରେ ଜଣେ ଛାତ୍ର-ଶିକ୍ଷକ ସଫଳଭାବେ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରିପାରିବା ପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ ଏବଂ ମନୋଭାବ ହାସଲ କରିବେ।

ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରସ୍ତାବ ରଖିଛି ଯେ ବିଭିନ୍ନ ସ୍ତରର ବିଦ୍ୟାଳୟ ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା(TET) ଶିକ୍ଷଣ ବୃତ୍ତିରେ ପ୍ରବେଶ କରିବା ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ହେବ। ତେଣୁ ଏହି ଯୋଗ୍ୟତା ପରୀକ୍ଷା ଜଣେ ପ୍ରାର୍ଥୀଙ୍କୁ ସଠିକ ରୂପେ ମୂଲ୍ୟାୟନ କରାଯାଇଛି ଏବଂ ସେ ଶିକ୍ଷକ ହେବା ପାଇଁ ଯୋଗ୍ୟ ବୋଲି ଚିହ୍ନଟ ହୋଇଛନ୍ତି ବୋଲି ନିଶ୍ଚିତ କରିବା ସହ ସେହି ପରୀକ୍ଷାର ସଫଳତା ସେହି ଶିକ୍ଷକଙ୍କର ଦକ୍ଷତାର ପରିମାଣ ମଧ୍ୟ ବଢେଇ ପାରିବ। ଥରେ ଜଣେ ନୂଆ ଶିକ୍ଷକ ଶିକ୍ଷକତା ବୃତ୍ତିରେ ପ୍ରବେଶ କରି ସ୍ଥିର ହୋଇସାରିବା ପରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଆଧାରିତ ବୃତ୍ତିର ପରବର୍ତ୍ତୀ ସୋପାନ ପାଇଁ ପ୍ରସ୍ତୁତ ହେବାକୁ କୁହାଯିବ। ଶିକ୍ଷକତା ବୃତ୍ତି ପାଇଁ ଗ୍ରହଣୀୟ ହେଉଥିବା ମାନଦଣ୍ଡ ଭିତ୍ତିରେ ଜଣେ ଶିକ୍ଷକଙ୍କର ଦକ୍ଷତାର  ସଫଳତା ସୂଚକ(PI) ଅନୁସାରେ ପରିମାପ କରାଯାଇ ସୂଚିତ କରାଯିବ। ସାଧାରଣ ଭାବେ ପ୍ରତି ସୋପାନ ପାଇଁ ସମୟ କାଳ ପାଞ୍ଚ ବର୍ଷ। ଜଣେ ଶିକ୍ଷକଙ୍କର ଗୁଣବତ୍ତାର ନିଶ୍ଚିତତା ଓ ସଫଳତା ସୂଚକ ରାଷ୍ଟ୍ରୀୟ ଦିଗଦର୍ଶନ ମିଶନ (NMM) କାର୍ଯ୍ୟକ୍ରମ ସହ

ସଂଯୁକ୍ତ କରାଯିବ ଏବଂ ଉତ୍କୃଷ୍ଟ ଶିକ୍ଷକମାନଙ୍କୁ ପରାମର୍ଶଦାତା ଗୋଷ୍ଠୀରେ ସାମିଲ କରାଯିବ। ଏହାଦ୍ୱାରା ନିଜର ବୃତ୍ତିଗତ ବିକାଶ ପାଇଁ ସ୍ୱବୃତ୍ତିଧାରୀ ଅନ୍ୟ ବ୍ୟକ୍ତିମାନଙ୍କଠାରୁ ଶିକ୍ଷା ହାସଲ କରିବାର ଏକ ସୁଯୋଗ ସୃଷ୍ଟି ହୋଇପାରିବ।

ହାସଲ କରାଯାଇଥିବା ଦକ୍ଷତା ଆଧାରରେ ଶିକ୍ଷକମାନଙ୍କ ପାଇଁ ବୃତ୍ତିଗତ ସ୍ତର ତିନିଗୋଟି ନିମ୍ନ ପ୍ରକାରର ଅଟେ।

### ୧. ପ୍ରବୀଣ ଶିକ୍ଷକ

ଏହି ସୋପାନରେ ଜଣେ ଶିକ୍ଷକ ଶିକ୍ଷଣ ପଦ୍ଧତି ପାଇଁ ଅତ୍ୟାବଶ୍ୟକ ଦକ୍ଷତା ପ୍ରଦର୍ଶନ କରିବାକୁ ବୃତ୍ତିଗତ ଭାବେ ସ୍ୱାଧୀନ ହୋଇପାରିଥିବା ଉଚିତ। ଜଣେ ପ୍ରବୀଣ ଶିକ୍ଷକ କାର୍ଯ୍ୟରତ ଥିବା ବିଦ୍ୟାଳୟରେ ତାଙ୍କ ଉପଦେଷ୍ଟାଙ୍କ ସହାୟତାରେ ସେ ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ ଓ ଶିକ୍ଷାଦାନ ଜରିଆରେ ହାସଲ କରିସାରିଥିବା ଜ୍ଞାନକୁ ଆହୁରି ବଳିଷ୍ଠ କରିବେ। ତାଙ୍କର ଶିକ୍ଷାଦାନ ଦକ୍ଷତାକୁ ଆହୁରି ବିକଶିତ କରିବାରେ ସେହି ବିଦ୍ୟାଳୟରେ କାର୍ଯ୍ୟରତ ତାଙ୍କ ଉପଦେଷ୍ଟା ତାଙ୍କୁ ସହାୟତା ଯୋଗାଇବେ। ପ୍ରବୀଣ ଶିକ୍ଷକ ସେହି ସୋପାନର ସର୍ବୋଚ୍ଚ ସ୍ତର ପହଞ୍ଚି ସାରିବା ପରେ, ତାଙ୍କ ଉପଦେଷ୍ଟା ତାଙ୍କୁ ପରବର୍ତ୍ତୀ ସୋପାନ, ଅର୍ଥାତ *ଉନ୍ନତ ଶିକ୍ଷକ* ସୋପାନ ପାଇଁ ପ୍ରସ୍ତୁତ ହେବାକୁ ପଥ ପ୍ରଦର୍ଶନ କରିବେ। ସମାନ ବିଦ୍ୟାଳୟ ସ୍ତରର ପରବର୍ତ୍ତୀ ବୃତ୍ତିଗତ ସୋପାନ ପାଇଁ ପ୍ରସ୍ତୁତ ହେବାକୁ ତାଙ୍କୁ ସମସ୍ତ ସୁଯୋଗ ପ୍ରଦାନ କରାଯିବ ଓ ପରବର୍ତ୍ତୀ ସୋପାନର ଦକ୍ଷତା ହାସଲ ନିମନ୍ତେ ସହାୟତା ତଥା ପରବର୍ତ୍ତୀ ସୋପାନ ପାଇଁ ବିକାଶର ପ୍ରମାଣ ସଂଗ୍ରହ କରିବାକୁ ମଧ୍ୟ ସୁଯୋଗ ଦିଆଯିବ। ପରବର୍ତ୍ତୀ ସୋପାନକୁ ଉନ୍ନୀତ ହେବା ନିମନ୍ତେ ପ୍ରବୀଣ ଶିକ୍ଷକ ପ୍ରସ୍ତୁତ ହୋଇଯିବା ପରେ ତାଙ୍କୁ ଦକ୍ଷତା ପରୀକ୍ଷା ତଥା *ଉନ୍ନତ ଶିକ୍ଷକ* ସୋପାନରେ ପ୍ରବେଶ ନିମନ୍ତେ ପଥପ୍ରଦର୍ଶନ କରାଯିବ। ଜଣେ ପ୍ରବୀଣ ଶିକ୍ଷକ ପ୍ରଚଳିତ ପାଠ୍ୟକ୍ରମରେ ସୁପରିଚାଳନା, ପାଠ୍ୟୋପକରଣ ଚୟନ ଓ ସଂଗ୍ରହ, ପାଠ୍ୟପୁସ୍ତକର ଅର୍ଥପୂର୍ଣ୍ଣ ବ୍ୟବହାର, ସମସ୍ତ ଶିକ୍ଷାର୍ଥୀଙ୍କ ନିମନ୍ତେ ପାଠ୍ୟକ୍ରମର ଲକ୍ଷ୍ୟ ହାସଲ, ଶିକ୍ଷାର୍ଥୀଙ୍କ ହିତ ଓ ବିକାଶ ନିମନ୍ତେ ସେମାନଙ୍କର ସଠିକ ଯତ୍ନ ନେବା ଓ ଉପଯୁକ୍ତ ଚିନ୍ତା ପ୍ରକଟ କରିବା ତଥା ଶିକ୍ଷାର୍ଥୀଙ୍କ ସହ ଉପଯୁକ୍ତ ଯୋଗାଯୋଗ ରକ୍ଷା କରିପାରିବା ଭଳି ଦକ୍ଷତା ପ୍ରଦର୍ଶନ କରିବାକୁ ସକ୍ଷମ ହେବେ। ଶିକ୍ଷାଦାନର ଲକ୍ଷ୍ୟ ହାସଲ ନିମନ୍ତେ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତା ଚିହ୍ନଟ କରିପାରୁଥିବେ ଓ ତାହାର ସମାଧାନ କରିପାରୁଥିବେ, ପିତାମାତା, ବିଦ୍ୟାଳୟ ପରିଚାଳକଙ୍କ ଭଳି ସେଥିସହ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରିପାରୁଥିବେ ତଥା ଗଣତାନ୍ତ୍ରିକ ଓ ସାମ୍ବିଧାନିକ ମୂଲ୍ୟବୋଧ ବିକାଶ କରାଇ ପାରୁଥିବେ ଏବଂ ଶିକ୍ଷାଦାନ କରିପାରୁଥିବେ।

### ୨. ଉନ୍ନତ ଶିକ୍ଷକ

ଏହି ସୋପାନରେ ଜଣେ ଶିକ୍ଷକ ନିଜ ଶିକ୍ଷାଦାନରେ ବହୁ ଉନ୍ନତ ଶିକ୍ଷଣର ମାନ ହାସଲ କରିସାରିଥିବେ। ସେ ଶିକ୍ଷଣ ପାଇଁ ଆବଶ୍ୟକ ଦକ୍ଷତାର ପ୍ରୟୋଗ ନିମନ୍ତେ ବୃତ୍ତିଗତ ଭାବେ ପ୍ରସ୍ତୁତ ହୋଇସାରିଥିବେ। ସେ ନିଜ ବିଦ୍ୟାଳୟ ସ୍ତରରେ କାର୍ଯ୍ୟରତ ଅନ୍ୟ ପ୍ରବୀଣ ଶିକ୍ଷକଙ୍କ ପାଇଁ ଉପଦେଷ୍ଟାର ଭୂମିକା ନିର୍ବାହ କରିପାରୁଥିବେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ, ପ୍ରଧାନ ଶିକ୍ଷକ ବା ଅଧ୍ୟକ୍ଷ ଉନ୍ନତ ଶିକ୍ଷକଙ୍କ ଶିକ୍ଷଣ ତଥା ଅନ୍ୟ କାର୍ଯ୍ୟର ତଦାରଖ କରିବେ ଏବଂ ଆବଶ୍ୟକତା ଅନୁସାରେ ତାଲିମ ପ୍ରଦାନ କରିବେ। ଉନ୍ନତ ଶିକ୍ଷକ ସେହି ସୋପାନର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ପରେ, ତାଙ୍କୁ ପରବର୍ତ୍ତୀ ବୃତ୍ତିଗତ ସୋପାନ ଅର୍ଥାତ *କୁଶଳୀ ଶିକ୍ଷକ* ସୋପାନ ପାଇଁ ପ୍ରସ୍ତୁତ ହେବାକୁ ଉପଦେଶ ଦିଆଯିବ। ଏହି ସୋପାନରେ ତାଙ୍କର କାର୍ଯ୍ୟ ପରିସର ଆହୁରି ପରିବ୍ୟାପ୍ତ ହେବ। ସେ ନିଜ ବିଷୟରେ ଘଟୁଥିବା ସମସ୍ତ ପରିବର୍ତ୍ତନ ବିଷୟରେ ଅବଗତ ଥିବେ, କୌଣସି ନୂତନ ପାଠ୍ୟକ୍ରମରେ ଶିକ୍ଷାଦାନ କରିବା ପାଇଁ ଯୋଗ୍ୟ ଥିବେ ଓ ଦକ୍ଷତାର ସମ୍ମେଳନ କରିପାରୁଥିବେ। ଶିକ୍ଷଣ ପରିବେଶକୁ ଅନୁଶୀଳନପୂର୍ବକ ସେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ବିବିଧ ପ୍ରକାରର ଶିକ୍ଷଣ ଅଭାବ ଓ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ଥିବେ ଏବଂ ସମସ୍ୟାଗୁଡ଼ିକୁ ସଠିକ ଭାବରେ ଚିହ୍ନଟ କରିବା, ବୁଝିବା ଓ ସମାଧାନ କରିବାକୁ ସକ୍ଷମ ହୋଇପାରୁଥିବେ। ଶିକ୍ଷାର୍ଥୀମାନଙ୍କର ସ୍ୱଳ୍ପକାଳୀନ,

ମଧ୍ୟମକାଳୀନ ଓ ଦୀର୍ଘକାଳୀନ ଶିକ୍ଷଣ ଲକ୍ଷ୍ୟ ପୂରଣ କରିବାକୁ ପାରଙ୍ଗମ ଥିବେ। ଏଥି ସଙ୍ଗେସଙ୍ଗେ ବିଦ୍ୟାଳୟ ପରିସର ଭିତରେ ଓ ବାହାରେ ଥିବା ଶିକ୍ଷା ସହ ସମ୍ପୃକ୍ତ ବିବିଧ ପକ୍ଷଙ୍କ ସମସ୍ୟା ସମାଧାନ କରିବାକୁ ଓ ଆଶା ପୂରଣ କରିବାକୁ ସକ୍ଷମ ଥିବେ।

**୩. କୁଶଳୀ ଶିକ୍ଷକ**

ଏହି ସୋପାନରେ ଜଣେ ଶିକ୍ଷକ ଅନ୍ୟ ଶିକ୍ଷକମାନଙ୍କର ମାର୍ଗଦର୍ଶକ ବା ଉପଦେଷ୍ଟା ହେବାକୁ ଯୋଗ୍ୟତା ରଖିଥିବେ ତଥା ଅନ୍ୟ ଶିକ୍ଷକମାନଙ୍କର ନେତୃତ୍ୱ ନେବାକୁ ସକ୍ଷମ ଥିବେ। ଏଥିପାଇଁ ତାଙ୍କ ନିକଟରେ ଅସାଧାରଣ ଦକ୍ଷତା ରହିଥିବ। ସେ ଅନ୍ୟ ଶିକ୍ଷକମାନଙ୍କୁ ସେମାନଙ୍କର ଦକ୍ଷତା ବିକାଶ ନିମନ୍ତେ ସହାୟତା ଯୋଗାଇ ପାରୁଥିବେ ତଥା ବିଦ୍ୟାଳୟର ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମର ନେତୃତ୍ୱ ନେଇପାରୁଥିବେ। ଏହି ସୋପାନରେ ଶିକ୍ଷକ ନିରନ୍ତର ଭାବେ ଶିକ୍ଷଣରେ ଶ୍ରେଷ୍ଠ ସଫଳତା ହାସଲ କରିପାରୁଥିବେ। ସେ ଅନ୍ୟ ଶିକ୍ଷକମାନଙ୍କ ସହ ମିଶି ଏକତ୍ର ଶିକ୍ଷଣ ବିକାଶ ପାଇଁ କାର୍ଯ୍ୟ କରିପାରୁଥିବେ ଓ ଅନ୍ୟ ମାନଙ୍କର ଶିକ୍ଷଣ ବିକାଶ ପାଇଁ ପରାମର୍ଶ ଦେଇପାରୁଥିବେ। ତା ସଙ୍ଗେସଙ୍ଗେ ସେ ନିଜେ ନିଜର, ସହକର୍ମୀମାନଙ୍କର ତଥା ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଆବଶ୍ୟକତା ଉପଲବ୍ଧି କରି, ଏବଂ ସେ ସବୁର ମୂଲ୍ୟାୟନ ଓ ସମୀକ୍ଷା କରି ସମସ୍ତଙ୍କୁ ବିକାଶର ମାର୍ଗ ପ୍ରଦର୍ଶନ କରିପାରୁଥିବେ। ସେ ସହକର୍ମୀଙ୍କର ଶିକ୍ଷଣ ନିରୀକ୍ଷଣ କରିବା କାର୍ଯ୍ୟରେ ନିୟୋଜିତ ହେବେ। ସେ ଉନ୍ନତ ଶିକ୍ଷକ ସୋପାନର ଶିକ୍ଷକମାନଙ୍କୁ ଉପର ସୋପାନକୁ ଉନ୍ନୀତ ହେବାରେ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ। ସେମାନଙ୍କ ଦକ୍ଷତା, ଜ୍ଞାନ ଆଦିର ବିକାଶରେ ସେ ସହାୟକ ହେବେ। ବିଦ୍ୟାଳୟର ଶିକ୍ଷଣ ପରିବେଶରେ ଥିବା ସମସ୍ତ ପକ୍ଷଙ୍କର ବିକାଶ ନିମନ୍ତେ ସେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିବେ।

## ୩.୩ ପ୍ରବୀଣତାର ବିକାଶ ଓ ପ୍ରଗତି

ଉପରେ ବର୍ଣ୍ଣିତ ଶିକ୍ଷକ ବୃତ୍ତିର ସବୁ ସୋପାନରେ ବିକାଶ ଓ ପ୍ରଗତି ସମ୍ଭବ ଏବଂ ଆବଶ୍ୟକ। ପାରଙ୍ଗମତାର ଏହି ବିକାଶ ଓ ପ୍ରଗତି ଶିକ୍ଷଣ ସହ ସମ୍ପୃକ୍ତ ସମସ୍ତ ବିଷୟ ଯଥା- ଜ୍ଞାନ, ଦକ୍ଷତା, ବିଶ୍ୱାସ, ମନୋଭାବ, ବିନ୍ୟାସ, ମୂଲ୍ୟବୋଧ, ବିଷୟଗତ ଜ୍ଞାନ ଓ ଶିକ୍ଷଣ, ଗୋଷ୍ଠୀ ଓ ଶିକ୍ଷାର୍ଥୀମାନଙ୍କୁ ବୁଝିବାର ଦକ୍ଷତା, ଶିକ୍ଷାର ଦାର୍ଶନିକ ଲକ୍ଷ୍ୟ ଆଦି ପ୍ରତି ପ୍ରଯୁଜ୍ୟ। ବ୍ୟାପକ ଭାବେ କହିଲେ ଏହି ବିକାଶ ଆଡ଼କୁ ତିନିଗୋଟି ମାର୍ଗ ଅଛି।

**କ. ଅଭିଜ୍ଞତା -** ଅଭିଜ୍ଞତା ଓ ଆତ୍ମଚିନ୍ତନ ଜଣେ ଶିକ୍ଷକଙ୍କୁ ନିଜର ଶିକ୍ଷାଦାନ, ଶିକ୍ଷଣ ପରିବେଶ, ଶିକ୍ଷାର୍ଥୀ, ଶିକ୍ଷଣ ପ୍ରକ୍ରିୟା, ଶିକ୍ଷାତତ୍ତ୍ୱ ଓ ଦର୍ଶନ ଇତ୍ୟାଦିକୁ ଅଧିକ ଗଭୀର ଭାବେ ବୁଝିବାରେ, ନିଜର ଜ୍ଞାନକୁ ଅଧିକ ଶାଣିତ କରିବାରେ ତଥା ଶିକ୍ଷାର ଉଦ୍ଦେଶ୍ୟକୁ ବୁଝିବାରେ ସହାୟକ ହୋଇଥାଏ। ପ୍ରାରମ୍ଭିକ ଭାବେ ଜଣେ ଶିକ୍ଷକ ତାଙ୍କର ଦୈନନ୍ଦିନ କାର୍ଯ୍ୟ ସହ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ ହେବାରେ ମନୋନିବେଶ କରିଥାନ୍ତି, ନିଜ ବୃତ୍ତିକ୍ଷେତ୍ରର ତଥା କାର୍ଯ୍ୟ କରୁଥିବା ସ୍ଥାନର ଚାହିଦା ସହିତ ପରିଚିତ ହେବା ଆବଶ୍ୟକ ହୋଇଥାଏ, ଯାହା ସମସ୍ତ ବୃତ୍ତି ଏବଂ ବୃତ୍ତି କ୍ଷେତ୍ର ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଧୀରେ ଧୀରେ ମାନସିକ କାର୍ଯ୍ୟ ନିମନ୍ତେ ଅଧିକ ସମୟ ଉପଲବ୍ଧ ହେବା ଆରମ୍ଭ ହୋଇଥାଏ ଏବଂ ସେହି ସମୟ ଶିକ୍ଷଣର ମୂଳ କାର୍ଯ୍ୟ କରିବାରେ ତଥା ସବୁ ଶିକ୍ଷାର୍ଥୀଙ୍କ ପାଇଁ ଶୈକ୍ଷିକ ଲକ୍ଷ୍ୟ ହାସଲ ନିମନ୍ତେ ବିନିଯୋଗ ହୋଇଥାଏ। ପ୍ରାକସେବା ଶିକ୍ଷକ ଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରିଥିବା ଶିକ୍ଷାତତ୍ତ୍ୱର ମୂଲ୍ୟ ଏବଂ ଆବଶ୍ୟକତା ଶିକ୍ଷକଙ୍କ ପାଇଁ ଅଧିକ ବୋଧଗମ୍ୟ ଓ ଅର୍ଥପୂର୍ଣ୍ଣ ହୁଏ। ଧୀରେ ଧୀରେ ଶିକ୍ଷକ ବୃତ୍ତିର ପରିଚୟ ତାଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ହୁଏ ଏବଂ ଏହି ବୃତ୍ତିକୁ ସେ ନିଜେ ଅଧିକ ବୁଝିପାରନ୍ତି ଏବଂ ଏଥିପାଇଁ ଗର୍ବିତ ଅନୁଭବ କରନ୍ତି। ଏହା ସତ୍ୟ ଯେ ସବୁ ଶିକ୍ଷକ ନିଜ ଅଭିଜ୍ଞତାରୁ ଅନେକ କିଛି ନୂତନ ଶିକ୍ଷା ହାସଲ କରନ୍ତି।

**ଖ. ଅଭିପ୍ରକାଶ ଆଳାପ -** ବୃତ୍ତିଗତ ଶିକ୍ଷାର ସାମାଜିକ ପ୍ରବୃତ୍ତି ଏବେ ଅଧିକରୁ ଅଧିକ ସ୍ୱୀକୃତ ହେବାରେ ଲାଗିଛି। ଅନ୍ୟ ଶିକ୍ଷକ ଓ ସହକର୍ମୀମାନଙ୍କ ସହିତ କଥୋପକଥନ, ଅନ୍ୟ ବିଦ୍ୟାଳୟରେ କୌଣସି ଶିକ୍ଷଣକାର୍ଯ୍ୟ କିପରି ସମ୍ପାଦିତ ହେଉଛି ତାହା ଜାଣିବା ଆଦି ହେଉଛି ଜଣେ ଶିକ୍ଷକଙ୍କ ପାଇଁ ବିକାଶର ଗୋଟିଏ ସହଜ ରାସ୍ତା। ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ସମ୍ମିଳନୀ, କର୍ମଶାଳାରେ ଯୋଗଦେବା, ଶିକ୍ଷଣ ଓ ବୃତ୍ତିଗତ ଗୋଷ୍ଠୀ ସହ ଯୋଡ଼ିହେବା, ଶିକ୍ଷା ବ୍ୟତୀତ ଅନ୍ୟ କ୍ଷେତ୍ରର କାର୍ଯ୍ୟାବଳୀ ଦେଖିବା ଦ୍ୱାରା ଶିକ୍ଷକ ଅଧିକ ଆତ୍ମାନୁଶୀଳନ କରିବାର ଦକ୍ଷତା ହାସଲ କରନ୍ତି ଓ ଅନେକ ନୂଆ କଥା ଶିଖି ପାରିଥାନ୍ତି।

**ଗ. ନିରନ୍ତର ବୃତ୍ତିଗତ ବିକାଶ -** ନିରନ୍ତର ବୃତ୍ତିଗତ ବିକାଶ ପାଇଁ ଆୟୋଜିତ ଉଭୟ ଅନଲାଇନ ଓ ଅଫଲାଇନ କର୍ମଶାଳା, ଦକ୍ଷତା ବିକାଶ ଅଧିବେଶନ, ଦକ୍ଷତା ବିକାଶ ପାଠ୍ୟକ୍ରମଗୁଡ଼ିକ ଶିକ୍ଷକମାନଙ୍କୁ ନୂତନ ଜ୍ଞାନ ଆହରଣ କରିବା, ନୂତନ ଦକ୍ଷତା ହାସଲ କରିବା ଓ ତାହାର ଅଭ୍ୟାସ କରିବା, ନୂଆ ପାରଙ୍ଗମତା ହାସଲ କରିବା, ଶିକ୍ଷାଦାନ ସହ ଜଡ଼ିତ ଅନ୍ୟ କୁଶଳତା ହାସଲ କରିବାରେ ସହାୟକ ହୋଇଥାଏ ଏବଂ ତାହାଦ୍ୱାରା ନୂତନ ବୃତ୍ତିଗତ ମାର୍ଗ ପ୍ରଦର୍ଶିତ ହୁଏ। ତେଣୁ ଜଣେ ଶିକ୍ଷକଙ୍କ ପାଇଁ ଏହା ନିଜର କୁଶଳତାକୁ ଶାଣିତ କରିବାର ଏବଂ ନୂତନ କୁଶଳତା ହାସଲ କରିବାର ଗୁରୁତ୍ୱପୂର୍ଣ୍ଣ ସୁଯୋଗ।

## ୩.୪ ଶିକ୍ଷକଙ୍କ ପାଇଁ ଜାତୀୟ ବୃତ୍ତିଗତ ମାନଦଣ୍ଡ

ସାଧାରଣ ଭାବରେ ମାନଦଣ୍ଡଗୁଡ଼ିକ ପ୍ରଭାବଶାଳୀ ଶିକ୍ଷଣର ଗୁଣବତ୍ତାକୁ ବ୍ୟାଖ୍ୟା କରିବା ପାଇଁ ଏବଂ ତାହାର ଏକ ନକ୍ସା ପ୍ରଦାନ କରିବା ପାଇଁ ବ୍ୟବହୃତ ହୋଇଥାଏ। ଏହା 'ଉତ୍ତମ ଶିକ୍ଷଣ' କଣ ତାହା ବୁଝାଇବା ସହିତ ବୃତ୍ତିଗତ ମାନଦଣ୍ଡ ହାସଲ କରିବାର ତାତ୍ପର୍ଯ୍ୟ କଣ ତାହା ମଧ୍ୟ ଚିହ୍ନଟ କରିଦେଇଥାଏ। ବୃତ୍ତିଗତ ଭାବେ, ଏହି ମାନଗୁଡ଼ିକ ତାହାର ଦିଗ ଓ ଉଦ୍ଦେଶ୍ୟ ଅନୁସାରେ ବିଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥାଏ। ଶିକ୍ଷଣର ଭିନ୍ନଭିନ୍ନ କ୍ଷେତ୍ର ଅନୁସାରେ ଏହି ମାନଗୁଡ଼ିକ ସାଧାରଣ ବା ନିର୍ଦ୍ଦିଷ୍ଟ ହୋଇଥାଏ। ଏଗୁଡ଼ିକୁ ସବୁ ଶିକ୍ଷକଙ୍କ ପାଇଁ ଏକତ୍ର ଖୁବ ସରଳ ଭାବେ ମଧ୍ୟ ବ୍ୟାଖ୍ୟା କରାଯାଇପାରିବ କିମ୍ବା ବୃତ୍ତିର ବିଭିନ୍ନ ସୋପାନ ଅନୁସାରେ କ୍ରମବର୍ଦ୍ଧମାନ ଭାବେ ପ୍ରବୀଣ ଶିକ୍ଷକ ସୋପାନରୁ କୁଶଳୀ ଶିକ୍ଷକ ସୋପାନ ପର୍ଯ୍ୟନ୍ତ ଗୋଟିଏ ପନ୍ଥା ପ୍ରଦର୍ଶନ ସ୍ୱରୂପ ଉଲ୍ଲିଖିତ କରାଯାଇପାରିବ।




ଚିତ୍ର ୨: ବୃତ୍ତିଗତ ମାନଦଣ୍ଡର ସଜ୍ଞା

ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ହାସଲ ନିମନ୍ତେ ଶିକ୍ଷକମାନଙ୍କର ଜୀବନବ୍ୟାପୀ ସେବାକାଳର ବୃତ୍ତିଗତ ପରିବର୍ତ୍ତନ କୁହାଯାଉଥିବା ତିନିଗୋଟି କ୍ଷେତ୍ରର ମାନଦଣ୍ଡ ବିଶଦ ଭାବେ ବର୍ଣ୍ଣନା କରାଯାଇଛି। ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (NCERT), ବିଭିନ୍ନ ରାଜ୍ୟର ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (SCERT), ବିଭିନ୍ନ ଅଞ୍ଚଳର ତଥା ବିଭିନ୍ନ ବିଦ୍ୟାଳୟ ସ୍ତରର ଶିକ୍ଷକ, ଶିକ୍ଷକ ତାଲିମ, ପ୍ରସ୍ତୁତି ତଥା ବିକାଶ କ୍ଷେତ୍ରରେ କାମ କରୁଥିବା ବିଶାରଦ ସଂସ୍ଥା, ବିଶେଷଜ୍ଞ ଅନୁଷ୍ଠାନ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ଇତ୍ୟାଦିଙ୍କ ସହ ଆଲୋଚନା କରାଯାଇ ସମସ୍ତ କ୍ଷେତ୍ର ପାଇଁ ପ୍ରଯୁଜ୍ୟ ଗୋଟିଏ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ପ୍ରସ୍ତୁତ କରାଯାଇଛି।

# ୪. ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ଆଧାର

ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଆଧାରରେ କଥିତ ବୃତ୍ତିକାଳର ବିବିଧ ଦିଗ ଶିକ୍ଷକଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟ ହିସାବରେ ବର୍ଣ୍ଣନା କରାଯାଇପାରେ। ଉକ୍ତ ଆଧାର ସମସ୍ତ କ୍ଷେତ୍ରକୁ ସାମିଲ କରି ପରସ୍ପର ସହ ସମ୍ପୃକ୍ତ ତିନୋଟି ମାନରେ ବିଭାଜିତ କରି ଆଲୋଚିତ ହୋଇଅଛି।

## ୪.୧ ସ୍ତର ୧: ମୌଳିକ ମୂଲ୍ୟବୋଧ ଓ ନୈତିକତା

ଏହି ମାନ ଜଣେ ଶିକ୍ଷକ ଯେଉଁ ସବୁ ମୌଳିକ ମୂଲ୍ୟବୋଧ ଓ ନୈତିକତାର ଅଧିକାରୀ ହେବା ଉଚିତ ବୋଲି ଆଶା କରିଥାଏ, ସେହି ସବୁ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିଥାଏ। ଶିକ୍ଷଣ ବୃତ୍ତିରେ ମୌଳିକ ମୂଲ୍ୟବୋଧ ଓ ନୈତିକତା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ମୌଳିକ ମୂଲ୍ୟବୋଧ ଓ ନୈତିକତା ଜଣେ ଶିକ୍ଷକଙ୍କ ଭିତରେ ନିଷ୍ଠା, ନୈତିକ ଉତ୍କର୍ଷ, ବୃତ୍ତିଶୀଳତା, ସାଧୁତା, ସମ୍ମାନବୋଧ, ବିଶ୍ୱାସ ଓ ଶ୍ରେଣୀଗୃହ ମଧ୍ୟରେ ପାରସ୍ପରିକ ବୁଝାମଣା ଭଳି ଗୁଣାବଳୀର ବିକାଶ ପାଇଁ ମୂଳ ଆଧାର ହୋଇଥାଏ। ତା ସହିତ ଶିକ୍ଷକଙ୍କୁ ଜୀବନବ୍ୟାପୀ ଶିକ୍ଷା ଓ ଶିକ୍ଷଣ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରେରିତ କରିଥାଏ। ଏହି ଗୁଣାବଳୀ ଦ୍ୱାରା ଜଣେ ଶିକ୍ଷକ ସମାନତା ଓ ଅନ୍ତର୍ଭୁକ୍ତି ଚିନ୍ତନର ମୂଳଦୁଆ ସ୍ଥାପନ କରିବାରେ ସକ୍ଷମ ହୋଇଥାନ୍ତି।




ଚିତ୍ର ୩: ମୌଳିକ ମୂଲ୍ୟବୋଧ ଓ ନୈତିକତା

## ୪.୨ ସ୍ତର ୨: ଜ୍ଞାନ ଓ ସାଧନା

ବୃତ୍ତିକାଳର ପ୍ରତିଟି ସୋପାନରେ ପ୍ରଭାବଶାଳୀ ରୂପେ କାର୍ଯ୍ୟ କରିବା ପାଇଁ ଜଣେ ଶିକ୍ଷକ ଶିକ୍ଷଣ ପ୍ରକ୍ରିୟା ବିଷୟରେ ଯାହା ଜାଣିବାର କଥା ଏବଂ ଶିକ୍ଷାର୍ଥୀମାନଙ୍କୁ ଯେପରି ବୁଝିବା ଆଶାକରାଯାଏ ସେହି ସବୁ କ୍ଷେତ୍ରର କଥା ଏହି ମାନକରେ ଅନ୍ତର୍ଭୁକ୍ତ ଅଟେ। ଜଣେ ଶିକ୍ଷକ ଶିକ୍ଷଣ କାର୍ଯ୍ୟ ସମାପନ କରିବା ସମୟରେ ଏବଂ ଶିକ୍ଷଣର ମୂଲ୍ୟାୟନ କରିବା ସମୟରେ ଶିକ୍ଷାର୍ଥୀମାନଙ୍କ ପାଇଁ କେଉଁ ପ୍ରକାରର ଶିକ୍ଷଣ ଅନୁଭୂତି ପ୍ରସ୍ତୁତ କରିବେ ତାହାର ଏକ ନକ୍ସା ମଧ୍ୟ ଏହି ମାନକରେ ଦିଆଯାଇଥାଏ। ଶିକ୍ଷକଙ୍କ ଜ୍ଞାନ ଓ ସାଧନାର ଦିଗ ଖୁବ ଗଭୀର। ଶିକ୍ଷକଙ୍କର ବିଷୟଗତ ଜ୍ଞାନ,

ସେ ସମ୍ବନ୍ଧୀୟ ଶିକ୍ଷଣ ପଦ୍ଧତି, ବିଷୟକୁ ଉପସ୍ଥାପନ କରିବାର କୌଶଳ, ଶିକ୍ଷାର ଲକ୍ଷ୍ୟ, ଦେଶର ଶିକ୍ଷା ବ୍ୟବସ୍ଥା, ଶିକ୍ଷାନୀତି, ଶିକ୍ଷା ଇତିହାସ, ଶିକ୍ଷା ମନସ୍ତତ୍ତ୍ୱ, ଶିକ୍ଷଣ ତତ୍ତ୍ୱ, ଶିକ୍ଷାର୍ଥୀମାନଙ୍କ ପରିବେଶ ବିଷୟରେ ନିର୍ଦ୍ଦିଷ୍ଟ ଜ୍ଞାନ ଏବଂ ଶିକ୍ଷା ସାଧନା ବିଷୟରେ ଜ୍ଞାନକୁ ଅନ୍ତର୍ଭୁକ୍ତ କରେ। ଜ୍ଞାନ ଓ ସାଧନା କାର୍ଯ୍ୟ କରିବାର ଦକ୍ଷତା ଓ ବିନ୍ୟାସ, ଅର୍ଥପୂର୍ଣ୍ଣ ଭାବରେ ଏବଂ ଅନ୍ତର୍ଭୁକ୍ତି ରୂପେ ସବୁ ଶିକ୍ଷାର୍ଥୀଙ୍କୁ ସାମିଲ କରିବାର ଦକ୍ଷତା, ଶିକ୍ଷଣ ନିମନ୍ତେ ଯୋଜନା, ଶିକ୍ଷଣ, ମୂଲ୍ୟାୟନ, ଆତ୍ମସମୀକ୍ଷା, ପାଠ୍ୟ ଉପକରଣ ଚୟନ, ଉନ୍ନତିକରଣ, ପ୍ରସ୍ତୁତି; ଉନ୍ନତ ଶିକ୍ଷଣ ଅନୁଭୂତି ସୃଷ୍ଟି କରିବା ପାଇଁ ଉପଲବ୍ଧ ସମ୍ବଳର ସୁବିନିଯୋଗ, ଶ୍ରେଣୀଗୃହ, ପାଠାଗାର, ବିଜ୍ଞାନାଗାର, ଖେଳପଡ଼ିଆ ଆଦିର ସୁବିନିଯୋଗ କରି ଶିକ୍ଷାର୍ଥୀଙ୍କର ସାମଗ୍ରିକ ବିକାଶ କରିବାକୁ ସକ୍ଷମ କରିପାରିବ।




ଚିତ୍ର ୪: ଜ୍ଞାନ ଓ ଶିକ୍ଷଣ ଅଭ୍ୟାସ

## ୪.୩ ସ୍ତର ୩: ବୃତ୍ତିଗତ ବିକାଶ ଓ ପ୍ରଗତି

ଏହି ମାନଦଣ୍ଡ ନିରନ୍ତର ବୃତ୍ତିଗତ ବିକାଶ କାର୍ଯ୍ୟ ଜରିଆରେ ଜଣେ ଶିକ୍ଷକ ନିଜ ବୃତ୍ତିର ବିଭିନ୍ନ ସୋପାନରେ ଯେଉଁ ବୃତ୍ତିଗତ ଜ୍ଞାନ/ଦକ୍ଷତା ତଥା ସାଧନାର ବିକାଶ କରିବା ଆଶା କରାଯାଏ, ସେହି ପରିସରକୁ ଅନ୍ତର୍ଭୁକ୍ତ କରିଥାଏ। ଶିକ୍ଷକ ଜଣେ ବୃତ୍ତିଧାରୀ ହିସାବରେ ନିଜ ବୃତ୍ତିଗତ ପରିଚୟକୁ ମର୍ଯ୍ୟାଦା ଦେବା ଆବଶ୍ୟକ ଏବଂ ଅଧିକରୁ ଅଧିକ ବିକାଶ ପାଇଁ ପ୍ରୟାସ କରିବା ଉଚିତ। ଏହି ପୁସ୍ତିକାରେ ବ୍ୟବହୃତ ପାରଙ୍ଗମତାର ସଂଜ୍ଞାରେ ବିଶ୍ଳେଷଣ କରାଯାଇଥିବା ପରି ପାରଙ୍ଗମତା ଜ୍ଞାନ, ବିନ୍ୟାସ ଓ କାର୍ଯ୍ୟ ଦକ୍ଷତାକୁ ବୁଝାଏ।




ଚିତ୍ର ୫: ବୃତ୍ତିଗତ ବିକାଶ ଓ ପ୍ରଗତି

<table>
<tr><th colspan="4">ମାନକ ୧ : ମୌଳିକ ମୂଲ୍ୟବୋଧ ଓ ନୈତିକତା</th></tr>
<tr><th colspan="4">ଯେଉଁ ସବୁ ମୌଳିକ ମୂଲ୍ୟବୋଧ ଓ ନୈତିକତା ଜଣେ ଶିକ୍ଷକ ପ୍ରଦର୍ଶନ କରିବା ଆବଶ୍ୟକ</th></tr>
<tr><th>ପରିସର</th><th>ପ୍ରବୀଣ ଶିକ୍ଷକ</th><th>ଉନ୍ନତ ଶିକ୍ଷକ</th><th>କୁଶଳୀ ଶିକ୍ଷକ</th></tr>
<tr><td rowspan="4">ଭାରତର ସମ୍ବିଧାନ ଦ୍ୱାରା ଧାର୍ଯ୍ୟ ସାମ୍ବିଧାନିକ ମୂଲ୍ୟବୋଧ</td><td colspan="3">ସାମ୍ବିଧାନିକ ମୂଲ୍ୟବୋଧ ଆଧାରରେ କାରଣ ବୁଝିବା, ପ୍ରାଧାନ୍ୟ ଦେବା, ସମୀକ୍ଷା କରିବା ଓ ବ୍ୟାଖ୍ୟା କରିବାର ସାମର୍ଥ୍ୟ</td></tr>
<tr><td colspan="3">ନୈତିକତା ଓ ଦାୟିତ୍ୱର ସହ ତଥ୍ୟର ବ୍ୟବହାର କରିବା ଏବଂ ଶିକ୍ଷାର୍ଥୀଙ୍କ ମର୍ଯ୍ୟାଦା ରକ୍ଷା କରିବା</td></tr>
<tr><td colspan="3">ଭାରତୀୟ ସମ୍ବିଧାନର ଧାରା ୫୧କ ରେ ଉଲ୍ଲେଖିତ ନାଗରିକର ମୌଳିକ କର୍ତ୍ତବ୍ୟ ବିଷୟରେ ଜାଣିବା ଓ ପାଳନ କରିବା</td></tr>
<tr><td colspan="3">ନୈତିକ ଦାୟିତ୍ୱ, ନିୟମକାନୁନ, ନୀତି ଇତ୍ୟାଦି ବୁଝିବା ଓ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ନୈତିକ ଜ୍ଞାନର ପ୍ରୟୋଗ କରିବା ଏବଂ ଜଟିଳ ପରିସ୍ଥିତିର ସମାଧାନ କରିବାର ସାମର୍ଥ୍ୟ</td></tr>
<tr><td rowspan="5">ବୃତ୍ତିଗତ ସମ୍ପର୍କ</td><td colspan="3">ଶିକ୍ଷାର୍ଥୀମାନଙ୍କ ପାଇଁ ସହପାଠ୍ୟକ୍ରମର ସୁଯୋଗ ସୃଷ୍ଟି କରିବାକୁ ଅନ୍ୟ ବୃତ୍ତିଧାରୀ ଓ ସଂଗଠନ ସହ ଆଲୋଚନା କରିବା</td></tr>
<tr><td colspan="3">ଶିକ୍ଷାର୍ଥୀଙ୍କର ସାମଗ୍ରିକ ବିକାଶରେ ପିତାମାତା ଓ ଗୋଷ୍ଠୀର ଭୂମିକା ବୁଝିବା ଓ ସ୍ୱୀକାର କରିବା</td></tr>
<tr><td colspan="3">ସମ୍ବଳର ମିଳିତ ଉପଯୋଗ ପାଇଁ ପଡ଼ୋଶୀ ବିଦ୍ୟାଳୟ, ଅନ୍ୟ ଅନୁଷ୍ଠାନ ଓ ବିଭିନ୍ନ ଗୋଷ୍ଠୀ ସହ ସମନ୍ୱୟ ରକ୍ଷା କରିବା</td></tr>
<tr><td colspan="3">ଉଭୟ ବିଦ୍ୟାଳୟ ଭିତରେ ଓ ବାହାରେ ଶିକ୍ଷା ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ସହିତ ଜଟିଳ ଓ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ଆଲୋଚନା କରିବା ଓ ସୁସମ୍ପର୍କ ବଜାୟ ରଖିବାର ସାମର୍ଥ୍ୟ</td></tr>
<tr><td colspan="3">ସମସ୍ତ ଶିକ୍ଷାର୍ଥୀଙ୍କ ଅନ୍ତର୍ଭୁକ୍ତି ଭାବେ ଶିକ୍ଷଣ ଲକ୍ଷ୍ୟ ହାସଲ କରିବା ପାଇଁ ଅନୁଷ୍ଠାନ ପୂରା ଦକ୍ଷତାର ସହ ଓ ପ୍ରଭାବଶାଳୀ ଭାବେ କାମ କରିବା ସକାଶେ ଲକ୍ଷ୍ୟ ଓ କୌଶଳ ଧାର୍ଯ୍ୟ କରିବାର ସାମର୍ଥ୍ୟ ଏବଂ ବିଦ୍ୟାଳୟର କର୍ମଚାରୀମାନଙ୍କ ପାଇଁ ଏକ ଫଳପ୍ରଦ କର୍ମ ପରିବେଶ ସୁନିଶ୍ଚିତ କରିବାର ସାମର୍ଥ୍ୟ</td></tr>
</table>

| ମାନକ ୨ : ଜ୍ଞାନ ଓ ସାଧନା | | | | |
|---|---|---|---|---|
| ଜଣେ ଶିକ୍ଷକ ଶ୍ରେଣୀଗୃହରେ ପ୍ରଭାବଶାଳୀ ଶିକ୍ଷାଦାନ କରିପାରିବା ପାଇଁ କଣ ସବୁ ଜାଣିବା, ବୁଝିବା ଓ କରିବାକୁ ସକ୍ଷମ ହେବା ଉଚିତ | | | | |
| **ପରିସର** | **ଉପ-ପରିସର** | **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବିରଳ ଦକ୍ଷତା ଚିହ୍ନଟ ଓ ପ୍ରଯତ୍ନ | ଶିଶୁର ବିକାଶ ଓ ଶିକ୍ଷଣ ଉପରେ ଏହାର ପ୍ରଭାବ | ଶିଶୁ ବିକାଶର (ବୌଦ୍ଧିକ, ଆବେଗିକ, ଭାଷାତାତ୍ତ୍ୱିକ, ସାମାଜିକ ଓ ଶାରୀରିକ) ବିଭିନ୍ନ ସୋପାନ ସମ୍ବନ୍ଧୀୟ ତତ୍ତ୍ୱ ବୁଝିବେ | ଶିଶୁ ବିକାଶ ସମ୍ବନ୍ଧୀୟ ଜ୍ଞାନର ପ୍ରୟୋଗ କରି ବ୍ଯକ୍ତିର ଶିକ୍ଷଣ ଓ ବିକାଶ ଧାରା ଚିହ୍ନଟ କରିବେ | ଶିଶୁ ବିକାଶ ତତ୍ତ୍ୱ ସହକର୍ମୀଙ୍କ ବିକାଶରେ ପ୍ରୟୋଗ କରିବେ |
| | ଶିକ୍ଷାର୍ଥୀ ବିବିଧତା | ସମସ୍ତ ପ୍ରକାରର ଶିକ୍ଷାର୍ଥୀ ବିବିଧତା (ଯଥା- ଶିକ୍ଷଣ ଶୈଳୀ, ଶିକ୍ଷଣ ଆବଶ୍ୟକତା, ସାମାଜିକ-ଅର୍ଥନୈତିକ ଅବସ୍ଥା, ସଂସ୍କୃତି, ଭାଷା, ପରିବାର ଗଠନ ଇତ୍ୟାଦି) କୁ ସ୍ପଷ୍ଟ ଭାବେ ବୁଝିବାର ସାମର୍ଥ୍ୟ ହାସଲ କରିବେ ତଥା ବିଦ୍ୟାଳୟ ଓ ଶ୍ରେଣୀଗୃହରେ ସେହି ଅନୁସାରେ କାର୍ଯ୍ୟ କରିବେ | ଶିକ୍ଷଣ ସମ୍ବଳ ସମ୍ବନ୍ଧୀୟ ଜ୍ଞାନକୁ ଶିକ୍ଷାର୍ଥୀଙ୍କ ବିବିଧ ଆବଶ୍ୟକତା ପୂରଣ କରିବାରେ ଲଗାଇବେ ଓ ଗୋଟିଏ ଅନ୍ତର୍ଭୁକ୍ତି ଶ୍ରେଣୀଗୃହ ସୃଷ୍ଟି କରିବେ | ଶ୍ରେଣୀଗୃହ ଅଭିଜ୍ଞତା ଆଧାରରେ ପ୍ରତ୍ୟେକ ଶିକ୍ଷାର୍ଥୀର ଆବଶ୍ୟକତା ଚିହ୍ନଟ କରିବା ଏବଂ ତାକୁ ପୂରଣ କରିବାର ସାମର୍ଥ୍ୟ ରଖିବେ |
| | ଭିନ୍ନକ୍ଷମ ଓ ପ୍ରତିଭାସମ୍ପନ୍ନ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା | ବିଭିନ୍ନ ପ୍ରକାର ଭିନ୍ନକ୍ଷମତା ଓ ସେମାନଙ୍କର ଶିକ୍ଷଣ ଆବଶ୍ୟକତା ବିଷୟରେ ଅବଗତ ରହିବେ ଏବଂ ପ୍ରତିଭାସମ୍ପନ୍ନ ପିଲାଙ୍କ ଶିକ୍ଷଣ ଆବଶ୍ୟକତା ଜାଣି ସେମାନଙ୍କୁ ସହାୟତା ଦେବାକୁ ଉପାୟ ସ୍ଥିର କରିବେ | ସ୍ୱତନ୍ତ୍ର ଆବଶ୍ୟକତା ବିଷୟକ ଜ୍ଞାନକୁ ଶ୍ରେଣୀରେ ଥିବା ବିଭିନ୍ନ ବର୍ଗର ପିଲାଙ୍କ ଆବଶ୍ୟକତା ଚିହ୍ନଟରେ ଉପଯୋଗ କରିବେ | ବିଶେଷଜ୍ଞଙ୍କ ହସ୍ତକ୍ଷେପ ଆବଶ୍ୟକ କରୁଥିବା ଭଳି ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଚିହ୍ନଟ କରିବେ ଓ ସହକର୍ମୀମାନଙ୍କୁ ଏହିଭଳି ପରିସ୍ଥିତି ପରିଚାଳନା ବିଷୟରେ ଜ୍ଞାନ ପ୍ରଦାନ କରିବେ |

| ମାନକ ୨ : ଜ୍ଞାନ ଓ ସାଧନା | | | | |
|---|---|---|---|---|
| ଜଣେ ଶିକ୍ଷକ ଶ୍ରେଣୀଗୃହରେ ପ୍ରଭାବଶାଳୀ ଶିକ୍ଷାଦାନ କରିପାରିବା ପାଇଁ କଣ ସବୁ ଜାଣିବା, ବୁଝିବା ଓ କରିବାକୁ ସକ୍ଷମ ହେବା ଉଚିତ | | | | |
| **ପରିସର** | **ଉପ-ପରିସର** | **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| ଜ୍ଞାନ, ଧାରଣାର ବୋଧ ଓ ବିଷୟର ପ୍ରୟୋଗ | | ପାଠ୍ୟ ବିଷୟର ଜ୍ଞାନ ଓ ପ୍ରବେଶକୁ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚାଇବାର ସାମର୍ଥ୍ୟ ପ୍ରଦର୍ଶନ କରିବେ | ପାଠଦାନରେ ନିର୍ଦ୍ଦିଷ୍ଟ ବିଷୟର ଓ ଅନ୍ୟ ବିଷୟର ସମ୍ପର୍କ ଦେଖାଇବେ ଓ ଆଞ୍ଚଳିକ ତଥା ପାରମ୍ପାରିକ ଜ୍ଞାନ ସମ୍ମିଳିତ କରିବେ | ପାଠ୍ୟ ବିଷୟରେ ସଦ୍ୟତମ ଜ୍ଞାନ ଆହରଣ କରୁଥିବେ ଏବଂ ପାଠଦାନରେ ତାହାର ପ୍ରୟୋଗ କରିବେ |
| ପାଠ୍ୟକ୍ରମ | ପାଠ୍ୟକ୍ରମ ଆଧାର | ପାଠ୍ୟକ୍ରମର ଲକ୍ଷ୍ୟ ଓ ପଢ଼ାଉଥିବା ବିଷୟର ପାଠ୍ୟକ୍ରମ ଆଧାର ଭଲଭାବେ ବୁଝିଥିବେ | ବିଷୟର ଓ ବିଷୟ ବାହାରର ପାଠ୍ୟକ୍ରମ ସମ୍ପର୍କ ବୁଝିବା ନିମନ୍ତେ ଓ ବିକଶିତ କରିବା ନିମନ୍ତେ ସହକର୍ମୀ ମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ | ସଦ୍ୟତମ ଗବେଷଣା ଓ ନୂତନ ଜ୍ଞାନକୁ ବିଚାରକୁ ନେଇ ପାଠ୍ୟଦାନରେ ବିକାଶ ଓ ପରିବର୍ତ୍ତନ କରିବେ |
| ଶିକ୍ଷଣ ନିମନ୍ତେ ବିଷୟ ବିକାଶ | ଶିକ୍ଷାଦାନର କୌଶଳ ଓ ଶିକ୍ଷଣର ବର୍ଗୀକରଣ | ଶିକ୍ଷାଦାନରେ ବ୍ୟବହୃତ ସାଧାରଣ କୌଶଳ, ଶିକ୍ଷଣର ବର୍ଗୀକରଣ, ସାଧାରଣ ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷଣ ସମ୍ବଳ ବୁଝିବେ | ଶିକ୍ଷଣର ବର୍ଗୀକରଣ ଏବଂ ଶିକ୍ଷାଦାନ କୌଶଳ ଆଧାରରେ ନିଜ ବିଷୟରେ ଶିକ୍ଷାର୍ଥୀଙ୍କ ବିକାଶ ଉପଯୋଗୀ ଶିକ୍ଷଣ ଲକ୍ଷ୍ୟ ଧାର୍ଯ୍ୟ କରିବେ | ଶିକ୍ଷାର୍ଥୀ ବର୍ଗୀକରଣକୁ ଶିକ୍ଷଣରେ ନିୟୋଜିତ କରିପାରିଲା ଭଳି ପାଠଯୋଜନା କରିବେ ପାଇଁ ଶିକ୍ଷାତତ୍ତ୍ୱ, ଶିକ୍ଷାଦାନ କୌଶଳ ବ୍ୟବହାର କରିବାକୁ ସହକର୍ମୀମାନଙ୍କୁ ଦିଗଦର୍ଶନ ଦେବେ |
| | ବିଭେଦୀକୃତ ଶିକ୍ଷଣ | ବିଭେଦୀକୃତ ଶିକ୍ଷଣ କୌଶଳକୁ ସ୍ପଷ୍ଟ ଭାବେ ବୁଝିବେ ଓ ଶିକ୍ଷଣରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ବୃଦ୍ଧିରେ ଏହାର ଭୂମିକା ଭଲ ଭାବେ ଜାଣିବେ | ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣରେ ସାମିଲ କରିବ ନିମନ୍ତେ ବିଭେଦୀକୃତ ଶିକ୍ଷଣର ପ୍ରୟୋଗ କରିବେ | ଶିକ୍ଷଣରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ କ୍ରମଶଃ ଅଧିକରୁ ଅଧିକ ବିଭେଦୀକୃତ ଶିକ୍ଷଣ କୌଶଳ ପ୍ରୟୋଗରେ ସହକର୍ମୀମାନଙ୍କୁ ଉତ୍ସାହିତ କରିବେ |

| ମାନକ ୨ : ଜ୍ଞାନ ଓ ସାଧନା | | | | |
|---|---|---|---|---|
| ଜଣେ ଶିକ୍ଷକ ଶ୍ରେଣୀଗୃହରେ ପ୍ରଭାବଶାଳୀ ଶିକ୍ଷାଦାନ କରିପାରିବା ପାଇଁ କଣ ସବୁ ଜାଣିବା, ବୁଝିବା ଓ କରିବାକୁ ସକ୍ଷମ ହେବା ଉଚିତ | | | | |
| **ପରିସର** | **ଉପ-ପରିସର** | **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| | ଜଟିଳ ଚିନ୍ତନ, ସୃଜନଶୀଳ ଚିନ୍ତନ ଓ ଉଚ୍ଚବୁଦ୍ଧି ଚିନ୍ତନ ପରି ଜୀବନକଳା ବିକାଶ କରିବା ପାଇଁ କୌଶଳ ଅବଲମ୍ବନ | ଜଟିଳ ଚିନ୍ତନ, ସୃଜନଶୀଳ ଚିନ୍ତନ ଓ ଉଚ୍ଚବୁଦ୍ଧି ଚିନ୍ତନ ବିକଶିତ କରିପାରୁଥିବା ସାଧାରଣ ଶିକ୍ଷଣ କୌଶଳକୁ ଗଭୀର ଭାବେ ବୁଝିଥିବେ | ଏହିସବୁ ଜୀବନକଳା ବିକଶିତ କରାଇବା ପାଇଁ ଶିକ୍ଷଣ କୌଶଳର ଉପଯୋଗ କରିବେ | ଏହି ସବୁ ଜୀବନକଳା ବିକଶିତ କରାଇବା ପାଇଁ ସଦ୍ୟତମ ଜ୍ଞାନର ଉପଯୋଗ କରି ନୂତନ ଶିକ୍ଷଣ କୌଶଳ ବିକଶିତ କରିବେ |
| ଶିକ୍ଷଣ ଯୋଜନା | ଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ | ଶିକ୍ଷଣର ସାଧନଯୋଗ୍ୟ ଓ ପରିମାପଯୋଗ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବୁଝିଥିବେ | ପାଠ୍ୟକ୍ରମରେ ସନ୍ନିବେଶିତ ବିଷୟରେ ସାଧନଯୋଗ୍ୟ ଓ ପରିମାପଯୋଗ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିବେ | ଶିକ୍ଷାର୍ଥୀଙ୍କର ସାମଗ୍ରିକ ବିକାଶ ପାଇଁ ତାଙ୍କର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରି ଉଚ୍ଚ ଆଶାଯୁକ୍ତ ତଥା ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରିବେ |
| | ଶିକ୍ଷଣ ଅନୁଭୂତିର ଯୋଜନା | ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟ ନିମନ୍ତେ ପାଠ ଯୋଜନା ପ୍ରସ୍ତୁତ କରିବାର ସାମର୍ଥ୍ୟ | ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ଆବଶ୍ୟକତାକୁ ସ୍ଥାନିତ କରି ବିଭେଦୀକୃତ ପାଠଯୋଜନା ପ୍ରସ୍ତୁତ କରିବାର ସାମର୍ଥ୍ୟ | ପାଠ୍ୟକ୍ରମ ଆଧାରରେ ପରସ୍ପର ସଂଯୁକ୍ତ ଧାରାବାହିକ ପାଠଯୋଜନା ମାନ ପ୍ରସ୍ତୁତ କରିବାର ସାମର୍ଥ୍ୟ |
| ଶିକ୍ଷଣର, ଶିକ୍ଷଣ ପାଇଁ ଓ ଶିକ୍ଷଣ ରୂପେ ମୂଲ୍ୟାୟନ | ମୂଲ୍ୟାୟନ କୌଶଳ | ମୂଲ୍ୟାୟନର ବିଭିନ୍ନ କୌଶଳ ଓ ଉପକରଣକୁ ଠିକ ଭାବେ ବୁଝିଥିବେ | ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ଆଧାରରେ ଉପଯୁକ୍ତ ମୂଲ୍ୟାୟନ ପଦ୍ଧତି ଚୟନ କରିବେ | ଅନୁଷ୍ଠାନ, ରାଜ୍ୟ ଓ ଜାତୀୟ ସ୍ତରରେ ମୂଲ୍ୟାୟନ ନୀତିର ସମ୍ପୂର୍ଣ୍ଣ ଜ୍ଞାନ ଧାରଣ କରିବେ |
| | ମୂଲ୍ୟାୟନ ତଥ୍ୟ | ମୂଲ୍ୟାୟନ ତଥ୍ୟରୁ ଶିକ୍ଷାର୍ଥୀଙ୍କ ବିଷୟରେ ଗଭୀର ସିଦ୍ଧାନ୍ତ ନିର୍ଣ୍ଣୟ କରିପାରିବେ | ଶିକ୍ଷଣ ଲକ୍ଷ୍ୟ ଧାର୍ଯ୍ୟ କରିବା ଓ ପାଠ ଯୋଜନା ପ୍ରସ୍ତୁତ କରିବାରେ ମୂଲ୍ୟାୟନ | ଶିକ୍ଷାର୍ଥୀ ତଥା ତାଙ୍କ ସଫଳତା ବିଷୟରେ ସାମଗ୍ରିକ ଭାବେ ଜାଣିବା ପାଇଁ ବିଭିନ୍ନ ସୂତ୍ରରୁ |

| ମାନକ ୨ : ଜ୍ଞାନ ଓ ସାଧନା | | | | |
|---|---|---|---|---|
| ଜଣେ ଶିକ୍ଷକ ଶ୍ରେଣୀଗୃହରେ ପ୍ରଭାବଶାଳୀ ଶିକ୍ଷାଦାନ କରିପାରିବା ପାଇଁ କଣ ସବୁ ଜାଣିବା, ବୁଝିବା ଓ କରିବାକୁ ସକ୍ଷମ ହେବା ଉଚିତ | | | | |
| **ପରିସର** | **ଉପ-ପରିସର** | **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| | | | ତଥ୍ୟର ବ୍ୟବହାର କରିପାରିବେ | ତଥ୍ୟ ସଂଗ୍ରହ କରିବେ ଓ ଉପଯୁକ୍ତ ପ୍ରତିଷେଧମୂଳକ ଯୋଜନା କରିଆରେ ଶିକ୍ଷାର୍ଥୀକୁ ସାହାଯ୍ୟ କରିପାରିବେ |
| | ଯୋଗାଯୋଗ ଓ ପ୍ରତିପୁଷ୍ଟି | ଜଣେ ଶିକ୍ଷାର୍ଥୀଙ୍କ ସଫଳତା ତଥ୍ୟ ଶିକ୍ଷାର୍ଥୀ ବା ପିତାମାତା ବା ଅଭିଭାବକଙ୍କୁ ଅଭିପ୍ରେରିତ କରିବେ | ଶିକ୍ଷାର୍ଥୀ ବା ପିତାମାତା ବା ଅଭିଭାବକଙ୍କୁ ଶିକ୍ଷାର୍ଥୀଙ୍କ ସଫଳତା ପାଇଁ କିଛି ନିର୍ଦ୍ଦିଷ୍ଟ ପରାମର୍ଶ ପ୍ରଦାନ କରିପାରିବେ | ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ଦିଗଦର୍ଶନ ଦେବାରେ ପିତାମାତା ବା ଗୋଷ୍ଠୀଙ୍କ ସହଯୋଗରେ କାମ କରିବେ |
| ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ଶିକ୍ଷାରେ ଏହାର ଉପଯୋଗ | ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ଶିକ୍ଷାରେ ଏହାର ଉପଯୋଗ | ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ଭୂମିକା ବୁଝିବେ | ଶିକ୍ଷାଦାନ, ଶ୍ରେଣୀଗୃହ ପରିଚାଳନା ଓ ମୂଲ୍ୟାୟନ ପାଇଁ ICT ଉପକରଣର ଉପଯୋଗ କରିବେ | ନିଜର ତଥା ସହକର୍ମୀମାନଙ୍କ ଶିକ୍ଷାଦାନରେ ସହାୟତା ପାଇଁ ଉପଯୁକ୍ତ ପ୍ରଯୁକ୍ତି ସମ୍ବଳ ପ୍ରସ୍ତୁତ କରିବେ |
| ଶ୍ରେଣୀଗୃହର ଉପାଦାନ ଓ ପରିବର୍ତ୍ତନଶୀଳତା | ନିରାପଦ, ଯତ୍ନଶୀଳ ଓ ସହାୟକ ଶିକ୍ଷଣ ପରିବେଶ | ଉପଲବ୍ଧ ସୁବିଧା ଓ ସମ୍ବଳକୁ ଗୋଟିଏ ନିରାପଦ ଓ ଅନ୍ତର୍ଭୁକ୍ତି ଶ୍ରେଣୀଗୃହ ସୃଷ୍ଟିରେ ଉପଯୋଗ କରିବେ | ନିର୍ଭୟରେ ନିଜର ମତ ଦେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହିତ ଏକ ସହାୟକ ଓ ଅନ୍ତର୍ଭୁକ୍ତି ଶିକ୍ଷଣ ପରିବେଶ ସୃଷ୍ଟି କରିବେ | ଏକ ନିରାପଦ ଓ ଅନ୍ତର୍ଭୁକ୍ତି ଶ୍ରେଣୀଗୃହ ସୃଷ୍ଟି କରିବାରେ ଶିକ୍ଷାର୍ଥୀଙ୍କୁ ସାମିଲ କରିବେ। |
| | ଶ୍ରେଣୀଗୃହ ପରିଚାଳନା | ବିଭିନ୍ନ ପ୍ରକାର ଶ୍ରେଣୀଗୃହ ପରିଚାଳନା ଜ୍ଞାନ ଓ ସେସବୁର ବ୍ୟବହାର କରିବାର ସାମର୍ଥ୍ୟ ରଖିବେ | ଶିକ୍ଷାର୍ଥୀମାନଙ୍କ ବ୍ୟବହାରରେ ବିବିଧତା ବିଷୟରେ ଜ୍ଞାନ ଓ ତାହାକୁ ସଠିକ ପରିଚାଳନା କରିବାର | ଶିକ୍ଷାର୍ଥୀଙ୍କ ଭିତରେ ଆତ୍ମ ଶୃଙ୍ଖଳା, ବ୍ୟକ୍ତିଗତ ଦାୟିତ୍ୱବୋଧ ଓ ନେତୃତ୍ୱ ନେବାର କଳା ବିକଶିତ କରିବେ (ଆଦର୍ଶ) |

| ମାନକ ୨ : ଜ୍ଞାନ ଓ ସାଧନା<br>ଜଣେ ଶିକ୍ଷକ ଶ୍ରେଣୀଗୃହରେ ପ୍ରଭାବଶାଳୀ ଶିକ୍ଷାଦାନ କରିପାରିବା ପାଇଁ କଣ ସବୁ ଜାଣିବା, ବୁଝିବା ଓ କରିବାକୁ ସକ୍ଷମ ହେବା ଉଚିତ | | | | |
|---|---|---|---|---|
| ପରିସର | ଉପ-ପରିସର | ପ୍ରବୀଣ ଶିକ୍ଷକ | ଉନ୍ନତ ଶିକ୍ଷକ | କୁଶଳୀ ଶିକ୍ଷକ |
| | | | ସାମର୍ଥ୍ୟ ରଖିବେ | |
| | ପ୍ରଭାବଶାଳୀ ଶ୍ରେଣୀଗୃହ ଯୋଗାଯୋଗ | ବିବିଧ ପ୍ରକାର ଶାବ୍ଦିକ ଓ ଅଣଶାବ୍ଦିକ ଶ୍ରେଣୀଗୃହ ଯୋଗାଯୋଗ କୌଶଳ ବୁଝିବାର ସାମର୍ଥ୍ୟ ହାସଲ କରିବେ | ଶିକ୍ଷଣକୁ ସମଭାଗୀ କରିବା ପାଇଁ ବିବିଧ ଶାବ୍ଦିକ ଓ ଅଣଶାବ୍ଦିକ ଶ୍ରେଣୀଗୃହ ଯୋଗାଯୋଗ କୌଶଳ ବ୍ୟବହାର କରିବେ ଓ ପ୍ରତିକ୍ରିୟା ରଖିବେ | ଶ୍ରେଣୀଗୃହ ଯୋଗାଯୋଗରେ ଉନ୍ନତି ଆଣିବାରେ ସହକର୍ମୀମାନଙ୍କୁ ସହାୟତା ଓ ଦିଗଦର୍ଶନ ଦେବା ପାଇଁ ଗଠନମୂଳକ ମତାମତ ଦେବେ |
| | ଭାଷାର ବିବିଧତା ଓ ବହୁଭାଷିକତା | ଭାଷାର ବିବିଧତା ଓ ନିର୍ଦ୍ଦିଷ୍ଟ ଭାଷାରେ ଶିକ୍ଷାର୍ଥୀଙ୍କ ପଟୁତାର ହାର ବ୍ୟତିରେକେ ସମସ୍ତ ଶିକ୍ଷାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିବେ | ଶ୍ରେଣୀରେ ଶିକ୍ଷଣର ଉନ୍ନତ ପ୍ରଭାବ ପାଇଁ ବହୁଭାଷିକତାର ପ୍ରୟୋଗ କରିବାରେ ସହକର୍ମୀମାନଙ୍କୁ ସହାୟତା ଯୋଗାଇବେ | ଶିକ୍ଷଣର ଅଧିକ ସୁଫଳ ପାଇଁ ସହକର୍ମୀମାନଙ୍କୁ ବହୁଭାଷିକତାର ବ୍ୟବହାର ସପକ୍ଷରେ ବୁଝାଇବେ |

| ମାନକ ୩ : ବୃତ୍ତିଗତ ବିକାଶ ଓ ପ୍ରଗତି | | | |
|---|---|---|---|
| ବୃତ୍ତିଗତ ସାଧନାରେ ବିକାଶ ଓ ପ୍ରଗତିର ସାମର୍ଥ୍ୟ | | | |
| ପରିସର | ପ୍ରବୀଣ ଶିକ୍ଷକ | ଉନ୍ନତ ଶିକ୍ଷକ | କୁଶଳୀ ଶିକ୍ଷକ |
| ଶିକ୍ଷଣ ଆବଶ୍ୟକତା | ଶିକ୍ଷଣ ଆବଶ୍ୟକତା ଚିହ୍ନଟ କରିବା ସହିତ ନିଜ ବୃତ୍ତିଗତ ବିକାଶର ଲକ୍ଷ୍ୟ ଧାର୍ଯ୍ୟ କରିବେ | ସମ୍ପୃକ୍ତ ସମସ୍ତ ପକ୍ଷଙ୍କଠାରୁ ପ୍ରାପ୍ତ ପ୍ରତିପୁଷ୍ଟି ଆଧାରରେ ନିଜ ବୃତ୍ତିଗତ ବିକାଶ ଯୋଜନା ପ୍ରସ୍ତୁତ କରିବେ | ସହକର୍ମୀମାନଙ୍କ ପାଇଁ ବୃତ୍ତିଗତ ବିକାଶର ଯୋଜନା ଓ ସୁଯୋଗ ଉପଲବ୍ଧ କରାଇବେ |
| ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନ | ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନ ଠିକ ଭାବେ ବୁଝିବା | ଶିକ୍ଷଣର ଉନ୍ନତି ପାଇଁ ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନର ବ୍ୟବହାର | ସହକର୍ମୀମାନଙ୍କୁ ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନର ପ୍ରୟୋଗ ପାଇଁ ପ୍ରେରଣା ଓ ସହାୟତା କରିବେ |
| ଶିକ୍ଷଣଗୋଷ୍ଠୀରେ ସହଯୋଗ ଓ ଅଂଶଗ୍ରହଣ | ବିଦ୍ୟାଳୟ ମଧ୍ୟରେ ଓ ବାହାରେ ଶିକ୍ଷା ସୁଯୋଗର ସୁବ୍ୟବହାର କରିବେ | ନିଜ ଗବେଷଣା ଓ ଶିକ୍ଷାନୁଭୂତି ସମ୍ମିଳନୀ, ୱେବ ସମ୍ମିଳନୀ, ଆଲୋଚନା ଚକ୍ର ଇତ୍ୟାଦିରେ ଉପସ୍ଥାପନ କରିବେ | ବିଦ୍ୟାଳୟ ଭିତରେ ଶିକ୍ଷଣ ଗୋଷ୍ଠୀ ଗଠନ ଓ ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ଗ୍ରହଣ କରିବେ |

# ୫. କାର୍ଯ୍ୟକାରିତା

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଅଧୀନରେ ଜାତୀୟ ଶିକ୍ଷକ ଗୁଣବତ୍ତା କେନ୍ଦ୍ର (NCTQ) ନାମକ ଏକ ଡିଜିଟାଲ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି ଯାହା ଶିକ୍ଷକମାନଙ୍କ ପାଇଁ ଏକ ସଂଗ୍ରହାଳୟ ରୂପେ କାର୍ଯ୍ୟ କରିବ ଏବଂ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର କାର୍ଯ୍ୟକାରିତା ପାଇଁ ଦାୟୀ ରହିବ। ପୁନଶ୍ଚ ଅଧିକରୁ ଅଧିକ ସାଧନ କର୍ମୀ/ ସାଧନ ସଂସ୍ଥା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଥିବା ସମ୍ପୃକ୍ତ ବ୍ୟକ୍ତି ତଥା କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳନା କରିବ। ଏହି ଜାତୀୟ ଶିକ୍ଷକ ଗୁଣବତ୍ତା ମାନଦଣ୍ଡର କାର୍ଯ୍ୟକାରିତା କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଦେଶର ମୋଟ ୭୫ ଟି ବିଦ୍ୟାଳୟର (୨୫ କେନ୍ଦ୍ରୀୟ ବିଦ୍ୟାଳୟ + ୨୫ ନବୋଦୟ ବିଦ୍ୟାଳୟ + ୨୫ ସିବିଏସଇ ) ୧୧୭୫ ଜଣ ଶିକ୍ଷକଙ୍କଠାରେ ପରୀକ୍ଷା କରାଯାଇଅଛି। ଏହି ପରୀକ୍ଷାମୂଳକ ପ୍ରୟୋଗରେ ହାସଲ କରାଯାଇଥିବା ଲକ୍ଷ୍ୟ ନିମ୍ନରେ ବର୍ଣ୍ଣନା କରାଯାଇଛି।

- ଶିକ୍ଷକଙ୍କର ପାରଙ୍ଗମତା ଓ ସେବାକାଳର ବିବିଧ ସୋପାନ ଚିହ୍ନଟ କରିବା
- ଶିକ୍ଷକମାନଙ୍କର ଦକ୍ଷତା/ପାରଙ୍ଗମତା ଏବଂ ଶିକ୍ଷଣ ସାଧନା ଉପରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ପରୀକ୍ଷାମୂଳକ ପ୍ରଭାବ ମାପିବା
- ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର କାର୍ଯ୍ୟକାରିତା କୌଶଳ ବିଷୟରେ ସମ୍ପୃକ୍ତ ବ୍ୟକ୍ତି ଓ ସଂଗଠନଗୁଡ଼ିକର ମତାମତ ସଂଗ୍ରହ କରିବା

## ୫.୧ କାର୍ଯ୍ୟ ଯୋଜନା

ଶିକ୍ଷକ ଗୁଣବତ୍ତାର ପରିମାପ ପାଇଁ ସ୍ପଷ୍ଟ ଭାବେ ମାନଦଣ୍ଡର ବ୍ୟାଖ୍ୟା କରି ଏବଂ ନିଜର ପାରଙ୍ଗମତାରେ ଉନ୍ନତି ଆଣିବାକୁ ଶିକ୍ଷକମାନଙ୍କୁ ଏକ ବିକାଶପଥ ସୂଚିତ କରି ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସାମର୍ଥ୍ୟ ଧାରଣ କରେ। ଏହାକୁ କାର୍ଯ୍ୟକାରୀ କରିବାର ଯୋଜନା ସ୍ଥିର କରାଯାଇସାରିଛି ଏବଂ ପରୀକ୍ଷାମୂଳକ ବ୍ୟବହାର ସମୟରେ ଉପଯୁକ୍ତ ନିରୀକ୍ଷଣ ପୂର୍ବକ ପରଖା ଯାଇଛି। ଏହାକୁ କାର୍ଯ୍ୟକାରୀ କରିବାର ପଦ୍ଧତିରେ ନିମ୍ନ ତିନିଗୋଟି ପର୍ଯ୍ୟାୟ ରଖାଯାଇଛି।

- ଲକ୍ଷ୍ୟଗୋଷ୍ଠୀର ପଞ୍ଜୀକରଣ
- ମାନଦଣ୍ଡର ପ୍ରୟୋଗ- ଶିକ୍ଷକ ସେବାକାଳର ସୋପାନ ଚିହ୍ନଟ
- ଗୁଣାତ୍ମକ ମୂଲ୍ୟାୟନ

ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଅନୁସାରେ ଜଣେ ଶିକ୍ଷକ ନିଜର ସମଗ୍ର ବୃତ୍ତିକାଳରେ ନିଜର ଦକ୍ଷତା ଓ ପାରଙ୍ଗମତାର ବିକାଶ କରି ଚାଲିବା ଆବଶ୍ୟକ। ଶିକ୍ଷକ ସ୍ୱମୂଲ୍ୟାୟନ ଜରିଆରେ ବା ଅନ୍ୟ କୌଣସି ମୂଲ୍ୟାୟନ ପଦ୍ଧତିରେ ନିଜ ପାରଙ୍ଗମତାର ଆକଳନ କରିବା ବାଞ୍ଛନୀୟ। ଔପଚାରିକ ମୂଲ୍ୟାୟନ ମଧ୍ୟରେ ଶିକ୍ଷକ ପାରଙ୍ଗମତା ପୋର୍ଟଫୋଲିଓର ବିକାଶ ଜରୁରୀ। ଏହି ପୋଟଫୋଲିଓରେ ଶିକ୍ଷଣ ସଫଳତା, ଶ୍ରେଣୀଗୃହ ପ୍ରଦର୍ଶନ, ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କର ଅଭିମତ ଓ ସହକର୍ମୀ ତଥା ଉପଦେଷ୍ଟାଙ୍କ ବିବରଣୀ ସନ୍ନିବେଶିତ ରହିବ। ସଫଳତା ସୂଚକର ଆଧାର ସମେତ ସମସ୍ତ ମୂଲ୍ୟାୟନ ଉପକରଣ ଷଷ୍ଠ ଅଧ୍ୟାୟରେ ସନ୍ନିବେଶିତ ପରାମର୍ଶ ଆଧାରରେ ବିକଶିତ କରାଯାଇପାରେ।

ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିମ୍ନ କାର୍ଯ୍ୟପନ୍ଥା (POA) ସ୍ଥିର କରାଯାଇଅଛି।

କ) ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡର ମାର୍ଗଦର୍ଶିକା ପୁସ୍ତିକା ଲାଗୁ କରାଯିବ ଓ ଏହାର କାର୍ଯ୍ୟକାରିତା ପାଇଁ କ୍ଷମତାପ୍ରାପ୍ତ ସଂଗଠନଗୁଡ଼ିକର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯିବ

ଖ) ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ଏହି ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡକୁ ନିଜ ଆବଶ୍ୟକତା ଓ ପରିସ୍ଥିତି ଅନୁଯାୟୀ ସଂଶୋଧିତ ବା ସମ୍ପାଦିତ କରିବେ

ଗ) ଜାତୀୟ ଶିକ୍ଷା ନୀତି ୨୦୨୦ର ପରିଚ୍ଛେଦ ୫.୨୦ର ବର୍ଣ୍ଣନା ଅନୁସାରେ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡକୁ  ଶିକ୍ଷକଙ୍କ ବୃତ୍ତିଗତ ବିକାଶ, ଦକ୍ଷତା ବିକାଶ ଓ ତାଲିମ ସହ ସଂଯୁକ୍ତ କରାଯିବ

ଘ) ଶିକ୍ଷକମାନେ ନିଜ ପାରଙ୍ଗମତାର ବିଭିନ୍ନ ସ୍ତରରେ ପହଞ୍ଚିବା ପାଇଁ ସମ୍ବଳ, ଉପକରଣ, ସ୍ୱବିକାଶ ପୁସ୍ତିକା, ମୂଲ୍ୟାୟନ ଉପକରଣ ଆଦି ବିକଶିତ କରାଯିବ

## ୫.୨ ପ୍ରୟୋଗ ଯୋଗ୍ୟତା

କ) ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା କ୍ଷମତାପ୍ରାପ୍ତ ଉପଯୁକ୍ତ ସଂସ୍ଥା ଦ୍ୱାରା ସେଠାରେ କାର୍ଯ୍ୟକାରୀ କରାଯିବ ଓ ଅନୁରୂପ ଭାବେ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ମନୋନୀତ ସଂଗଠନ ଦ୍ୱାରା ଏହା କାର୍ଯ୍ୟକାରୀ ହେବ।

ଖ) କେନ୍ଦ୍ର ବା ରାଜ୍ୟର ଉପଯୁକ୍ତ କ୍ଷମତାପ୍ରାପ୍ତ ସଂଗଠନ ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶ ଓ ସେବାକାଳ ପରିଚାଳନା ନିମନ୍ତେ ଏହି ମାନଦଣ୍ଡର ମାର୍ଗଦର୍ଶିକା ପୁସ୍ତିକା କାର୍ଯ୍ୟକାରିତା ପାଇଁ କାର୍ଯ୍ୟକାରୀ କରିବାର ପଦ୍ଧତି ସ୍ଥିର କରି  ସେହି ଅନୁସାରେ ନିର୍ଦ୍ଦେଶ ଜାରି କରିବ।

ଗ) ପ୍ରତ୍ୟେକ ରାଜ୍ୟ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ପ୍ରସଙ୍ଗରେ ଜାତୀୟ ଶିକ୍ଷକ ଗବେଷଣା ପରିଷଦ ସହ ଯୋଗାଯୋଗ ରକ୍ଷା କରିବା ପାଇଁ ରାଜ୍ୟ ସ୍ତରରେ ଜଣେ ଶୀର୍ଷ ଅଧିକାରୀ ନିଯୁକ୍ତ କରିବେ।

ଘ) ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ରାଜ୍ଯ ଶୀର୍ଷ ଅଧିକାରୀମାନଙ୍କର ବୈଠକ ଆହ୍ୱାନ କରିବ ଓ କର୍ମଶାଳା ଆୟୋଜନ କରିବ।

ଙ) ଏହି ମାନଦଣ୍ଡର କାର୍ଯ୍ୟକାରିତା ପାଇଁ ଭାରପ୍ରାପ୍ତ ସମସ୍ତ ସଂସ୍ଥା ଜାତୀୟ ଶିକ୍ଷକ ଶିକ୍ଷା ପରିଷଦକୁ ନିଜ ନିଜ କାର୍ଯ୍ୟକ୍ରମର ବିବରଣୀ ପ୍ରେରଣ କରିବେ।

ଚ) ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଏହି ମାନଦଣ୍ଡ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମହଜୁଦ ରଖିବ ଏବଂ ଏହା ବିଶେଷଜ୍ଞମାନଙ୍କ ବିବରଣୀ ସହିତ ବିବିଧ ଉପକରଣର ଭଣ୍ଡାର ରୂପେ କାର୍ଯ୍ୟ କରିବ ଏବଂ ସମସ୍ତ ରାଜ୍ୟକୁ ଏଗୁଡ଼ିକର ବଣ୍ଟନ କରିବ।

ଛ) ଜାତୀୟ ଶିକ୍ଷା ନୀତି ୨୦୨୦ର ପରିଚ୍ଛେଦ ୫.୨୦ରେ କୁହାଯାଇଥିବା କଥା ଅନୁସାରେ ସମଗ୍ର ଦେଶରେ  ଶିକ୍ଷକଙ୍କ ବୃତ୍ତିଗତ ବିକାଶ ଓ ସେବାକାଳ ପରିଚାଳନା ସହିତ ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡକୁ ସଂଯୁକ୍ତ କରାଯିବ।

## ୫.୩ ନିୟମିତ ସମୀକ୍ଷା

ଏହି ବୃତ୍ତିଗତ ମାନଦଣ୍ଡର କାର୍ଯ୍ୟକ୍ଷମତା ବ୍ୟାପକ ଭାବେ ସଂଗୃହିତ ମତାମତ ଆଧାରରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସମୀକ୍ଷା, ସଂଶୋଧନ ଓ ପରିବର୍ତ୍ତନ କରାଯିବ।

# ୬. ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ ଆଧାରିତ ମୂଲ୍ୟାୟନ ଆଧାର (ପରାମର୍ଶମୂଳକ)

## ମାନ ୧ : ମୌଳିକ ମୂଲ୍ୟବୋଧ ଓ ନୈତିକତା

| ପରିସର ୧ : ଭାରତର ସମ୍ବିଧାନର ପ୍ରାବଧାନ ଅନୁଯାୟୀ ସାମ୍ବିଧାନିକ ମୂଲ୍ୟବୋଧ |
|---|
| **ଏସଡି ୧.୧ – ସାମ୍ବିଧାନିକ ମୂଲ୍ୟବୋଧ ଅନୁଯାୟୀ କାରଣ ଜାଣିବା, ଅଗ୍ରାଧିକାର ଦେବା, ଆତ୍ମସମୀକ୍ଷା କରିବା ଓ ବ୍ୟାଖ୍ୟା କରିବାର ସାମର୍ଥ୍ୟ** |
| ୧.୧.୧. ସମସ୍ତ ଶିକ୍ଷାର୍ଥୀ ଓ ସହକର୍ମୀଙ୍କୁ ସମ୍ମାନ ଓ ଶିଷ୍ଟାଚାର ସହ ବ୍ୟବହାର ଦେଖାଇବେ।<br>୧.୧.୨. ନିଜର ଅନୁଭବ ଓ ଭାବନା ବ୍ୟକ୍ତ କରିବାକୁ ଭୟ କରୁନଥିବା ପରି ନିରାପଦ ପରିବେଶ ସୃଷ୍ଟି କରି ସମସ୍ତଙ୍କ ମଧ୍ୟରେ ଏକତା ଓ ସୌହାର୍ଦ୍ଦ୍ୟ ବିକଶିତ କରାଇବେ। |
| **ଏସଡି ୧.୨ – ନୈତିକ ଓ ଦାୟିତ୍ୱସମ୍ପନ୍ନ ଭାବେ ତଥ୍ୟ ବ୍ୟବହାର କରିବାର ତଥା ଶିକ୍ଷାର୍ଥୀମାନଙ୍କର ମର୍ଯ୍ୟାଦା ରକ୍ଷା କରିବାର ସାମର୍ଥ୍ୟ** |
| ୧.୨.୧. ଶିକ୍ଷାର୍ଥୀମାନଙ୍କ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁରକ୍ଷିତ ରଖିବେ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ମଗା ନ ଯିବା ପର୍ଯ୍ୟନ୍ତ କାହାରିକୁ ହସ୍ତାନ୍ତର କରିବେ ନାହିଁ। |
| **ଏସଡି ୧.୩ – ଭାରତୀୟ ସମ୍ବିଧାନର ଧାରା ୫୧ କ ରେ ବର୍ଣ୍ଣିତ ନାଗରିକର ମୌଳିକ କର୍ତ୍ତବ୍ୟ ବିଷୟରେ ସଚେତନ ରହିବେ ଓ ପାଳନ କରିବେ।** |
| ୧.୩.୧. ସବୁ ଶିକ୍ଷାର୍ଥୀଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରାଇବେ ଏବଂ ଦେଶର ଉଚ୍ଚ ଓ ବିବିଧ ପରମ୍ପରା ପାଇଁ ଗର୍ବ ଅନୁଭବ କରିବା ଶିଖାଇବେ।<br>୧.୩.୨. ବୈଜ୍ଞାନିକ ବିଚାରଧାରା ବିକଶିତ କରାଇବେ, ପରିବେଶର ସୁରକ୍ଷା କରିବାକୁ ଓ ଜାତୀୟ ବିକାଶ ପାଇଁ କାମ କରିବାକୁ ଉତ୍ସାହିତ କରିବେ। |
| **ଏସଡି ୧.୪- ନୈତିକ ଦାୟିତ୍ୱ, ଆଇନ କାନୁନ, ନୀତି ଆଦି ବୁଝିବାର ଦକ୍ଷତା ଓ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିର କାରଣ ଖୋଜିବା ଓ ତାର ସମାଧାନ କରିବାର ସାମର୍ଥ୍ୟ** |

| |
|---|
| ୧.୪.୧ ଉଭୟ ବିଦ୍ୟାଳୟର ଓ ଦେଶର ନିୟମ ସବୁକୁ ନିଷ୍ଠାର ସହ ପାଳନ କରିବେ ଏବଂ ନିୟମ ଭଙ୍ଗର ପରିଣାମ ବିଷୟରେ ସଚେତନ ରହିବେ।<br>୧.୪.୨ ଶିକ୍ଷାର୍ଥୀ ତଥା ସହକର୍ମୀମାନଙ୍କୁ ନିୟମ ପାଳନ କରିବା ପାଇଁ ଉତ୍ସାହିତ କରିବେ ଏବଂ ସମସ୍ୟା ସମାଧାନ କରିବା ଶିଖାଇବେ। |
| **ପରିସର ୨ : ବୃତ୍ତିଗତ ସମ୍ପର୍କ** |
| **ଏସଡି ୨.୧ – ଶିକ୍ଷାର୍ଥୀମାନଙ୍କ ପାଇଁ ସହପାଠ୍ୟକ୍ରମ ଆରମ୍ଭ କରିବାକୁ ଅନ୍ୟ ବୃତ୍ତିଧାରୀ ଓ ସଂଗଠନ ସହ ଆଲୋଚନା କରିବେ** |
| ୨.୧.୧ ବିବିଧ ପ୍ରକାର ଶିକ୍ଷଣ ସୁଯୋଗ ସୃଷ୍ଟି କରିବାକୁ ସହକର୍ମୀ ତଥା ଅନ୍ୟ ବୃତ୍ତିଧାରୀଙ୍କ ସହିତ ସହଯୋଗରେ କାମ କରିପାରିବେ।<br>୨.୧.୨ ଶିକ୍ଷାର୍ଥୀମାନଙ୍କ ପାଇଁ ସାଧନଯୋଗ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିବେ ଏବଂ ସମସ୍ତେ ନିରାପଦ ଅନୁଭବ କଲା ଭଳି ଗୋଟିଏ ସହଭାଗୀ ଶିକ୍ଷଣ ପରିବେଶ ସୃଷ୍ଟି କରିବେ ଓ ଲକ୍ଷ୍ୟ ସାଧନାରେ ସହଯୋଗ କରିବେ। |
| **ଏସଡି ୨.୨ – ଶିକ୍ଷାର୍ଥୀଙ୍କର ସାମଗ୍ରିକ ବିକାଶରେ ପିତାମାତା ଓ ସମାଜର ଭୂମିକା ଉପଲବ୍ଧି କରିବେ ଓ ସ୍ୱୀକାର କରିବେ** |
| ୨.୨.୧ ଶିକ୍ଷାର୍ଥୀମାନେ ଘରେ ଓ ସମାଜରେ ଶିକ୍ଷଣରେ ସହାୟତା ଲାଭ କରିବା ପାଇଁ ଶିକ୍ଷାର୍ଥୀଙ୍କ ସହିତ ପିତାମାତା ଓ ସମାଜ ସହିତ ଏକ ବିଶ୍ୱସନୀୟ ସମ୍ପର୍କ ପ୍ରତିଷ୍ଠା କରିବେ। |
| **ଏସଡି ୨.୩ – ସମ୍ବଳର ମିଳିତ ବ୍ୟବହାର ନିମନ୍ତେ ଅନ୍ୟ ବିଦ୍ୟାଳୟ, ଅନୁଷ୍ଠାନ ଓ ଗୋଷ୍ଠୀ ସହ ଉତ୍ତମ ସମ୍ପର୍କ ରକ୍ଷା କରିବାର ସାମର୍ଥ୍ୟ ରଖିବେ** |
| ୨.୩.୧ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅନୁଭୂତିକୁ ସମୃଦ୍ଧ କରିବା ସକାଶେ ଅନ୍ୟ ବିଦ୍ୟାଳୟର ଶିକ୍ଷକ ଓ ବିଭିନ୍ନ ଗୋଷ୍ଠୀ ସହିତ ସୁସମ୍ପର୍କ ପ୍ରତିଷ୍ଠା କରିବେ। |
| **ଏସଡି ୨.୪- ବିଦ୍ୟାଳୟ ଭିତରେ ଓ ବାହାରେ ଶିକ୍ଷା ସହ ଜଡ଼ିତ ବିଭିନ୍ନ ବ୍ୟକ୍ତିଙ୍କ ସହ ଜଟିଳ ଓ ଆହ୍ୱାନପୂର୍ଣ୍ଣ ପରିବେଶରେ ସମ୍ପର୍କ ରଖିବା ଓ ଆଲୋଚନା କରିବାର** ସାମର୍ଥ୍ୟ **ରଖିବେ** |
| ୨.୪.୧ ସମସ୍ତେ ସାମ୍ବିଧାନିକ ମୂଲ୍ୟବୋଧ ଓ ମନୋଭାବ ରକ୍ଷାକରିବା ନିଶ୍ଚିତ କରିବେ ଓ ଧୈର୍ଯ୍ୟ ତଥା ବିଶ୍ୱାସର ସହିତ ସମ୍ପର୍କ ରକ୍ଷା କରିବେ। |
| **ଏସଡି ୨.୫-** ସବୁବର୍ଗର **ଶିକ୍ଷାର୍ଥୀଙ୍କ ପାଇଁ ଅନ୍ତର୍ଭୁକ୍ତି ଶିକ୍ଷାର ସମସ୍ତ ଲକ୍ଷ୍ୟ ହାସଲ କରିବା ପାଇଁ ବିଦ୍ୟାଳୟ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିପାରିବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରିବାର ସାମର୍ଥ୍ୟ ଓ ଶିକ୍ଷକଙ୍କ ପାଇଁ ଅନୁକୂଳ ପରିବେଶ ନିଶ୍ଚିତ କରିବେ** |
| ୨.୫.୧ ଶିକ୍ଷାର୍ଥୀମାନଙ୍କ ପାଇଁ ହାସଲଯୋଗ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିବେ ଓ ସମସ୍ତେ ସୁରକ୍ଷିତ ଅନୁଭବ କଲାଭଳି ଶିକ୍ଷଣ ସଂସ୍କୃତି ସୃଷ୍ଟି କରିବେ ଏବଂ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲରେ ସହାୟତା ଯୋଗାଇବେ।<br>୨.୫.୨ ନିଜ ପାଇଁ ତଥା ନିଜ ସହକର୍ମୀଙ୍କ ପାଇଁ ଗୋଟିଏ ଶ୍ରମ ପରମ୍ପରା ସୃଷ୍ଟି କରିବାରେ ସହାୟକ ହେବେ। |

## ମାନ ୨ : ଜ୍ଞାନ ଓ ସାଧନା

| ପରିସର ୩ : ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବିରଳ ଦକ୍ଷତା ବୁଝିବା, ଚିହ୍ନଟ କରିବା ଓ ପ୍ରଯତ୍ନ | | |
|---|---|---|
| ପ୍ରବୀଣ ଶିକ୍ଷକ | ଉନ୍ନତ ଶିକ୍ଷକ | କୁଶଳୀ ଶିକ୍ଷକ |
| ଏସଡି ୩.୧ – ଶିଶୁର ବିକାଶ ଓ ଶିକ୍ଷଣ | | |
| ଶିଶୁ ବିକାଶର (ବୌଦ୍ଧିକ, ଆବେଗିକ, ଭାଷାତାତ୍ତ୍ୱିକ, ସାମାଜିକ ଓ ଶାରୀରିକ) ବିଭିନ୍ନ ସୋପାନ ସମ୍ବନ୍ଧୀୟ ତତ୍ତ୍ୱ ବୁଝିବେ | ଶିଶୁ ବିକାଶ ସମ୍ବନ୍ଧୀୟ ଜ୍ଞାନର ପ୍ରୟୋଗ କରି ବ୍ଯକ୍ତିର ଶିକ୍ଷଣ ଓ ବିକାଶ ଧାରା ଚିହ୍ନଟ କରିବେ | ଶିଶୁ ବିକାଶ ତତ୍ତ୍ୱ ସହକର୍ମୀଙ୍କ ବିକାଶରେ ପ୍ରୟୋଗ କରିବେ |
| ୩.୧.୧ ଶିକ୍ଷଣ ଦକ୍ଷତା ଓ ସଫଳତା ଭିତ୍ତିରେ ଶ୍ରେଣୀଗୃହର ବିବିଧ ଆବଶ୍ୟକତା ପୂରଣ କରିପାରିବେ। | ୩.୧.୨ ଶିକ୍ଷାର୍ଥୀଙ୍କର ବିଭିନ୍ନ ଶିକ୍ଷଣ ଆବଶ୍ୟକତା ବୁଝିପାରିବେ ଏବଂ ପାଠ ଯୋଜନାରେ ଓ ଶିକ୍ଷାଦାନରେ ତାକୁ ସ୍ଥାନିତ କରିପାରିବେ। | ୩.୧.୩ ସହକର୍ମୀମାନଙ୍କୁ ପିଲାମାନଙ୍କ ବିଭିନ୍ନ ପ୍ରକାରର ଆବଶ୍ୟକତା ଚିହ୍ନଟ କରିବା ଓ ବୁଝିବାରେ ସାହାଯ୍ୟ କରିବେ ଏବଂ ସେଗୁଡ଼ିକୁ ପାଠ ଯୋଜନାରେ ତଥା ଶିକ୍ଷାଦାନରେ ସ୍ଥାନିତ କରିବା ଶିଖାଇବେ। |
| ଏସଡି ୩.୨ – ଶିକ୍ଷାର୍ଥୀ ବିବିଧତା | | |
| ସମସ୍ତ ପ୍ରକାରର ଶିକ୍ଷାର୍ଥୀ ବିବିଧତା (ଯଥା- ଶିକ୍ଷଣ ଶୈଳୀ, ଶିକ୍ଷଣ ଆବଶ୍ୟକତା, ସାମାଜିକ-ଅର୍ଥନୈତିକ ଅବସ୍ଥା, ସଂସ୍କୃତି, ଭାଷା, ପରିବାର ଗଠନ ଇତ୍ୟାଦି) କୁ ସ୍ପଷ୍ଟ ଭାବେ ବୁଝିବାର ସାମର୍ଥ୍ୟ ହାସଲ କରିବେ ଓ ବିଦ୍ୟାଳୟ ଓ ଶ୍ରେଣୀଗୃହରେ ସେହି ଅନୁସାରେ କାର୍ଯ୍ୟ କରିବେ | ଶିକ୍ଷଣ ସମ୍ବଳ ସମ୍ବନ୍ଧୀୟ ଜ୍ଞାନକୁ ଶିକ୍ଷାର୍ଥୀଙ୍କ ବିବିଧ ଆବଶ୍ୟକତା ପୂରଣ କରିବାରେ ଲଗାଇବେ ଓ ଗୋଟିଏ ଅନ୍ତର୍ଭୁକ୍ତି ଶ୍ରେଣୀଗୃହ ସୃଷ୍ଟି କରିବେ | ଶ୍ରେଣୀଗୃହ ଅଭିଜ୍ଞତା ଆଧାରରେ ପ୍ରତ୍ୟେକ ଶିକ୍ଷାର୍ଥୀର ଆବଶ୍ୟକତା ଚିହ୍ନଟ କରିବା ଏବଂ ତାକୁ ପୂରଣ କରିବାର ସାମର୍ଥ୍ୟ ରଖିବେ |
| ୩.୨.୧ ସମାଜ, ସଂସ୍କୃତି, ଲିଙ୍ଗ ଓ ଧର୍ମୀୟ ପୃଷ୍ଠଭୂମି ବ୍ୟତିରେକେ ସବୁ ଶିକ୍ଷାର୍ଥୀଙ୍କୁ ସମାନ ଭାବେ ବ୍ୟବହାର ଦେଖାଇବେ ଓ ବିଦ୍ୟାଳୟ ତଥା ଶ୍ରେଣୀଗୃହ କାର୍ଯ୍ୟରେ ସମସ୍ତଙ୍କୁ ସମାନ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବେ। | ୩.୨.୨ ପରିବେଶ ଓ ପରିସ୍ଥିତି ଅନୁସାରେ ସବୁ ଶିକ୍ଷାର୍ଥୀଙ୍କୁ ନିଜ ନିଜ ବକ୍ତବ୍ୟ ରଖିବାକୁ ଓ ମତ ଦେବାକୁ ସୁଯୋଗ ଦେବେ ଏବଂ ଏଥିପାଇଁ ବିବିଧ ପ୍ରକାରର ସମ୍ବଳର ଉପଯୋଗ କରିବେ। | ୩.୨.୩ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତାକୁ ଚିହ୍ନଟ କରିପାରିବେ ଓ ତଦନୁସାରେ ଶିକ୍ଷଣ କୌଶଳ ନିର୍ଣ୍ଣୟ କରିପାରିବେ। |
| ଏସଡି ୩.୩ – ଭିନ୍ନକ୍ଷମ ଓ ପ୍ରତିଭା ସମ୍ପନ୍ନ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା | | |
| ବିଭିନ୍ନ ପ୍ରକାର ଭିନ୍ନକ୍ଷମ ଶିକ୍ଷାର୍ଥୀ ଓ ସେମାନଙ୍କର ଶିକ୍ଷଣ ଆବଶ୍ୟକତା ବିଷୟରେ ଅବଗତ ରହିବେ ଏବଂ ପ୍ରତିଭାସମ୍ପନ୍ନ ପିଲାଙ୍କ ଶିକ୍ଷଣ ଆବଶ୍ୟକତା ଜାଣି ସେମାନଙ୍କୁ ସହାୟତା ଦେବାକୁ ଉପାୟ ସ୍ଥିର କରିବେ | ସ୍ୱତନ୍ତ୍ର ଆବଶ୍ୟକତା ବିଷୟକ ଜ୍ଞାନକୁ ଶ୍ରେଣୀରେ ଥିବା ବିଭିନ୍ନ ବର୍ଗର ପିଲାଙ୍କ ଆବଶ୍ୟକତା ଚିହ୍ନଟରେ ଉପଯୋଗ କରିବେ | ବିଶେଷଜ୍ଞଙ୍କ ହସ୍ତକ୍ଷେପ ଆବଶ୍ୟକ କରୁଥିବା ଭଳି ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଚିହ୍ନଟ କରିବେ ଓ ସହକର୍ମୀମାନଙ୍କୁ ଏହିଭଳି ପରିସ୍ଥିତିର ପରିଚାଳନା ବିଷୟରେ ଜ୍ଞାନ ପ୍ରଦାନ କରିବେ |

| | | |
|---|---|---|
| ୩.୩.୧ ଉଭୟ ଭିନ୍ନକ୍ଷମ ଓ ପ୍ରତିଭାସମ୍ପନ୍ନ ଶିକ୍ଷାର୍ଥୀଙ୍କୁ ସୁହାଇବା ଭଳି ଶ୍ରେଣୀଗୃହ ପରିବେଶ ପ୍ରସ୍ତୁତ କରିବେ ଏବଂ ସମସ୍ତ ପାଠ୍ୟ ଉପକରଣ ସମସ୍ତେ ବ୍ୟବହାର କରିପାରିବା ଭଳି ସଜାଡ଼ି ରଖିବେ।<br>୩.୩.୨ ପଠନ ବା ଗଣିତ ଭଳି ନିର୍ଦ୍ଦିଷ୍ଟ ବିଷୟରେ ଶ୍ରେଣୀପଢ଼ା କରିବାରେ ଅସମର୍ଥ ଶିକ୍ଷାର୍ଥୀଙ୍କ ପ୍ରତି ଧୈର୍ଯ୍ୟଶୀଳ ଓ ସହାନୁଭୂତିଶୀଳ ହେବେ। | ୩.୩.୩ ଶିକ୍ଷାର୍ଥୀଙ୍କ ଆବଶ୍ୟକତା ମୁତାବକ ଉପଯୁକ୍ତ ପାଠ୍ୟ ଉପକରଣ ଏବଂ ଶିକ୍ଷଣ ପଦ୍ଧତି ଉପଯୋଗ କରିବେ।<br>୩.୩.୪ ଶିକ୍ଷାର୍ଥୀମାନଙ୍କର ସର୍ବାଧିକ ସଫଳତା ପାଇଁ ସେମାନଙ୍କର ସାମର୍ଥ୍ୟ ମୁତାବକ କୌଶଳପୂର୍ଣ୍ଣ ଭାବେ ଗୋଷ୍ଠୀ ଗଠନ କରିବେ। | ୩.୩.୫ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ପାଇଁ ବ୍ୟକ୍ତିକେନ୍ଦ୍ରିକ ଶିକ୍ଷା ଯୋଜନା (IEP) ପ୍ରସ୍ତୁତ କରିବେ।<br>୩.୩.୬ ଭିନ୍ନକ୍ଷମ ଓ ପ୍ରତିଭାସମ୍ପନ୍ନ ଶିକ୍ଷାର୍ଥୀଙ୍କ ଆବଶ୍ୟକତା ପୂରଣ କରିବାକୁ ଶିକ୍ଷଣ ପଦ୍ଧତି ଦ୍ୱାରା ଅନ୍ତର୍ଭୁକ୍ତି ଶ୍ରେଣୀଗୃହ ସୃଷ୍ଟି କରିବାକୁ ସହକର୍ମୀମାନଙ୍କୁ ମାର୍ଗଦର୍ଶନ କରାଇବେ। |
| **ପରିସର ୪ : ଜ୍ଞାନ, ଧାରଣାଗତ ବୋଧଗମ୍ୟତା ଏବଂ ବିଷୟର ପ୍ରୟୋଗ** | | |
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ଏସଡି ୪.୧ - ଜ୍ଞାନ, ଧାରଣାଗତ ବୋଧଗମ୍ୟତା ଏବଂ ବିଷୟର ପ୍ରୟୋଗ** | | |
| **ପାଠ୍ୟ ବିଷୟର ଜ୍ଞାନ ଓ ପ୍ରବେଶକୁ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚାଇବାର ସାମର୍ଥ୍ୟ ପ୍ରଦର୍ଶନ କରିବେ** | **ପାଠଦାନରେ ନିର୍ଦ୍ଦିଷ୍ଟ ବିଷୟର ଓ ଅନ୍ୟ ବିଷୟର ସମ୍ପର୍କ ଦେଖାଇବେ ଓ ଆଞ୍ଚଳିକ ତଥା ପାରମ୍ପାରିକ ଜ୍ଞାନ ସମ୍ମିଳିତ କରିବେ** | **ପାଠ୍ୟ ବିଷୟରେ ସଦ୍ୟତମ ଜ୍ଞାନ ଆହରଣ କରୁଥିବେ ଏବଂ ପାଠଦାନରେ ତାହାର ପ୍ରୟୋଗ କରୁଥିବେ** |
| ୪.୧.୧ ନୂତନ ଧାରଣାର ଶିକ୍ଷଣରେ ଗପ, ଖେଳ, ପାଠକାର୍ଯ୍ୟ, ପରୀକ୍ଷଣ ଇତ୍ୟାଦି ବିବିଧ କୌଶଳର ବ୍ୟବହାର କରିବେ।<br>୪.୧.୨ ଶିକ୍ଷାର୍ଥୀ ପଚାରୁଥିବା ପ୍ରଶ୍ନର ସଠିକ ଓ ବିଶଦ ଉତ୍ତର ଦେବେ। | ୪.୧.୩ ପୂର୍ବପଠିତ ବିଷୟ ଓ ବର୍ତ୍ତମାନର ବିଷୟର ଧାରଣାଗୁଡ଼ିକୁ ସଂଯୁକ୍ତ କରିବେ।<br>୪.୧.୪ ଯେଉଁଠାରେ ସମ୍ଭବ ପାଠ୍ୟ ବିଷୟରେ ପ୍ରଦତ୍ତ ଜ୍ଞାନ ସହିତ ଆଞ୍ଚଳିକ ଓ ପାରମ୍ପାରିକ ଜ୍ଞାନକୁ ସଂଯୁକ୍ତ କରିବେ। | ୪.୧.୫ କୌଣସି ବିଷୟରେ ପାଠ୍ୟକ୍ରମର ଲକ୍ଷ୍ୟ ହାସଲ ନିମନ୍ତେ ନୂତନ ଶିକ୍ଷାଦାନ କୌଶଳ ବିକଶିତ କରିବେ।<br>୪.୧.୬ ନିୟମିତ ଭାବରେ ନିଜେ ପଢ଼ାଉଥିବା ବିଷୟର ଗବେଷଣା ନିବନ୍ଧ, ଜର୍ଣ୍ଣାଲ, ପତ୍ରପତ୍ରିକା, ଇତ୍ୟାଦି ଅଧ୍ୟୟନ କରିବେ। |
| **ପରିସର ୫ : ପାଠ୍ୟକ୍ରମ** | | |
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ଏସଡି ୫.୧ – ପାଠ୍ୟକ୍ରମ ଆଧାର** | | |
| **ପାଠ୍ୟକ୍ରମର ଲକ୍ଷ୍ୟ ଓ ପଢ଼ାଉଥିବା ବିଷୟର ପାଠ୍ୟକ୍ରମ ଆଧାର ଭଲଭାବେ ବୁଝିଥିବେ।** | **ବିଷୟର ଓ ବିଷୟ ବାହାରର ପାଠ୍ୟକ୍ରମ ସମ୍ପର୍କ ବୁଝିବା ନିମନ୍ତେ ଓ ବିକଶିତ କରିବା ନିମନ୍ତେ ସହକର୍ମୀମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଥିବେ।** | **ସଦ୍ୟତମ ଗବେଷଣା ଓ ନୂତନ ଜ୍ଞାନକୁ ବିଚାରକୁ ନେଇ ପାଠ୍ୟଦାନରେ ବିକାଶ ଓ ପରିବର୍ତ୍ତନ କରିବେ।** |

| | | |
|---|---|---|
| ୫.୧.୧ ପାଠ୍ୟକ୍ରମର ଆକାଂକ୍ଷା ଓ ନିର୍ଦ୍ଦିଷ୍ଟ ବିଷୟରେ ପାଠ୍ୟକ୍ରମ ଲକ୍ଷ୍ୟକୁ ଧ୍ୟାନରେ ରଖି ଶିକ୍ଷାଦାନ କରିବେ। | ୫.୧.୨ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ଶିକ୍ଷା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ବିଷୟ ସହିତ ଅନ୍ୟ ବିଷୟର ବହିରାଗତ ସମ୍ବନ୍ଧ ପ୍ରଦର୍ଶନ କରି ଶିକ୍ଷାଦାନ କରିବେ। | ୫.୧.୩ ବିଷୟର ପାଠଯୋଜନା ଓ ଶିକ୍ଷାଦାନ ପାଇଁ ସଦ୍ୟତମ ଜ୍ଞାନର ଉପଯୋଗ କରିବେ।<br>୫.୧.୪ ବିବିଧ ପୁସ୍ତକ, ପତ୍ରପତ୍ରିକାଦି ପଠନ, କର୍ମଶାଳା ଓ ଅନ୍ୟ ସୂତ୍ରରୁ ହାସଲ କରିଥିବା ପାଠଯୋଜନା ଏବଂ ଶିକ୍ଷାଦାନ ସମ୍ପର୍କିତ ଜ୍ଞାନକୁ ପ୍ରୟୋଗ କରିବେ। |
| **ପରିସର ୬ : ଶିକ୍ଷାର୍ଥୀଙ୍କ ପାଇଁ ବିଷୟ ବିକାଶ** | | |
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| ଏସଡି ୬.୧ – ଶିକ୍ଷାଦାନର କୌଶଳ ଓ ଶିକ୍ଷଣର ବର୍ଗୀକରଣ | | |
| **ଶିକ୍ଷାଦାନରେ ବ୍ୟବହୃତ ସାଧାରଣ କୌଶଳ, ଶିକ୍ଷଣର ବର୍ଗୀକରଣ, ସାଧାରଣ ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷଣ ସମ୍ବଳ ବୁଝିବେ** | **ଶିକ୍ଷଣର ବର୍ଗୀକରଣ ଏବଂ ଶିକ୍ଷାଦାନ କୌଶଳ ଆଧାରରେ ନିଜ ବିଷୟରେ ଶିକ୍ଷାର୍ଥୀଙ୍କ ବିକାଶ ଉପଯୋଗୀ ଶିକ୍ଷଣ ଲକ୍ଷ୍ୟ ଧାର୍ଯ୍ୟ କରିବେ** | **ଶିକ୍ଷାର୍ଥୀ ବର୍ଗୀକରଣକୁ ଶିକ୍ଷଣରେ ନିୟୋଜିତ କରିପାରିଲା ଭଳି ପାଠଯୋଜନା କରିବା ପାଇଁ ଶିକ୍ଷାତତ୍ତ୍ୱ, ଶିକ୍ଷାଦାନ କୌଶଳ ବ୍ୟବହାର କରିବାକୁ ସହକର୍ମୀମାନଙ୍କୁ ଦିଗଦର୍ଶନ ଦେବେ** |
| ୬.୧.୧ ପାଠବିଷୟଗୁଡ଼ିକୁ ଭଲ ଭାବେ ବୁଝିବା ପାଇଁ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଅପରିସୀମ ଆଲୋଚନାର ସୁଯୋଗ ସୃଷ୍ଟି କରିବେ। | ୬.୧.୨ ବିଭିନ୍ନ ବିଷୟରେ ନିଜର ଦୃଷ୍ଟିଭଙ୍ଗୀ ଉପରେ ପ୍ରଶ୍ନ ପଚାରିବା, ତର୍କ କରିବା ଓ ଆଲୋଚନା କରିବା ପାଇଁ ଉତ୍ସାହିତ କରିବେ। | ୬.୧.୩ ସହପାଠୀଠାରୁ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବ ପ୍ରସ୍ତୁତ ଓ ଅପ୍ରସ୍ତୁତ ଆଲୋଚନାର ଭାରସାମ୍ୟ ରଖିବାରେ ସହକର୍ମୀମାନଙ୍କୁ ଦିଗଦର୍ଶନ ଦେବେ। |
| ଏସଡି ୬.୨– ବିଭେଦୀକୃତ ଶିକ୍ଷଣ/ଶିକ୍ଷାଦାନ | | |
| **ବିଭେଦୀକୃତ ଶିକ୍ଷଣ କୌଶଳକୁ ସ୍ୱଷ୍ଟ ଭାବେ ବୁଝିବେ ଓ ଶିକ୍ଷଣରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ବୃଦ୍ଧିରେ ଏହାର ଭୂମିକା ଭଲ ଭାବେ ଉପଲବ୍ଧି କରିବେ।** | **ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣରେ ସାମିଲ କରିବା ନିମନ୍ତେ ବିଭେଦୀକୃତ ଶିକ୍ଷଣର ପ୍ରୟୋଗ କରିବେ।** | **ଶିକ୍ଷଣରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ କ୍ରମଶଃ ଅଧିକରୁ ଅଧିକ ବିଭେଦୀକୃତ ଶିକ୍ଷଣ କୌଶଳ ପ୍ରୟୋଗରେ ସହକର୍ମୀମାନଙ୍କୁ ଉତ୍ସାହିତ କରିବେ।** |
| ୬.୨.୧ ପାଠ୍ୟକ୍ରମର ଲକ୍ଷ୍ୟ ହାସଲ ନିମନ୍ତେ ଶିକ୍ଷଣ ପଦ୍ଧତି ଓ କୌଶଳର ସମ୍ମିଳିତ ଉପଯୋଗ କରିବେ। | ୬.୨.୨ ଶିକ୍ଷାର୍ଥୀଙ୍କ ଆବଶ୍ୟକତା ମୁତାବକ ଦଳ ମଧ୍ୟରେ ସମସ୍ତଙ୍କ ପାଇଁ ଆହ୍ୱାନ ରଖିବାକୁ ପ୍ରଶ୍ନ ଓ ପାଠକାର୍ଯ୍ୟକୁ ବର୍ଗୀକୃତ କରିପାରିବେ। | ୬.୨.୩ ନିଜ ନିଜର ଦୃଷ୍ଟିଭଙ୍ଗୀ ପ୍ରକାଶ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେବାକୁ ନିୟମିତ ଭାବେ ବିଭେଦୀକୃତ ଶିକ୍ଷଣ କୌଶଳ ବ୍ୟବହାର କରିବେ। |

| | | |
|---|---|---|
| ୬.୨.୧ ସବୁ ଶିକ୍ଷାର୍ଥୀଙ୍କୁ ଚିନ୍ତାଶୀଳ ଓ ବିଚାରବନ୍ତ ଉତ୍ତର ପ୍ରଦାନ କରିବେ। | ୬.୨.୨ ଶିକ୍ଷାର୍ଥୀଙ୍କ ଆବଶ୍ୟକତ ମୁତାବକ ଦଳ ମଧ୍ୟରେ ସମସ୍ତଙ୍କ ପାଇଁ ଆହ୍ୱାନ ରଖିବାକୁ ପ୍ରଶ୍ନ ଓ ପାଠକାର୍ଯ୍ୟକୁ ବର୍ଗୀକୃତ କରିପାରିବେ। | ୬.୨.୩ ନିଜ ନିଜର ଦୃଷ୍ଟିଭଙ୍ଗୀ ପ୍ରକାଶ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେବାକୁ ନିୟମିତ ଭାବେ ବିଭେଦୀକୃତ ଶିକ୍ଷଣ କୌଶଳ ବ୍ୟବହାର କରିବେ। |
| **ଏସଡି ୬.୩ – ଜଟିଳ ଚିନ୍ତନ, ସୃଜନଶୀଳ ଚିନ୍ତନ ଓ ଉଚ୍ଚବୁଦ୍ଧି ଚିନ୍ତନ ପରି ଜୀବନକଳା ବିକାଶ କରିବା ପାଇଁ କୌଶଳ ଅବଲମ୍ବନ** | | |
| **ଜଟିଳ ଚିନ୍ତନ, ସୃଜନଶୀଳ ଚିନ୍ତନ ଓ ଉଚ୍ଚବୁଦ୍ଧି ଚିନ୍ତନ ବିକଶିତ କରିପାରୁଥିବା ସାଧାରଣ ଶିକ୍ଷଣ କୌଶଳକୁ ଗଭୀର ଭାବେ ବୁଝିଥିବେ।** | **ଏହିସବୁ ଜୀବନକଳା ବିକଶିତ କରାଇବା ପାଇଁ ଶିକ୍ଷଣ କୌଶଳର ଉପଯୋଗ କରିବେ।** | **ଏହି ସବୁ ଜୀବନକଳା ବିକଶିତ କରାଇବା ପାଇଁ ସଦ୍ୟତମ ଜ୍ଞାନର ଉପଯୋଗ କରି ନୂତନ ଶିକ୍ଷଣ କୌଶଳ ବିକଶିତ କରିବେ।** |
| ୬.୩.୧ ଶ୍ରେଣୀରେ ସେହିପରି ପାଠକାର୍ଯ୍ୟ ବ୍ୟବହାର କରିବେ, ଯାହାର ଧାରଣାକୁ ଶିକ୍ଷାର୍ଥୀମାନେ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିପାରିବେ।<br>୬.୩.୨ ସାମାଜିକ-ଆବେଗିକ ଆବଶ୍ୟକତା ପୂରଣ କରିବାକୁ ଧ୍ୟାନ, ଏକତ୍ରୀକରଣ ପରି କିଛି କାର୍ଯ୍ୟ ଶ୍ରେଣୀରେ କରିବେ। | ୬.୩.୩ ଶିକ୍ଷଣର ଅଂଶ ରୂପେ ଶିକ୍ଷାର୍ଥୀମାନଙ୍କୁ ବିଶ୍ଳେଷଣ ଓ ଅନୁସନ୍ଧାନରେ ନିଯୋଜିତ କରିବା ପାଇଁ କିଛି ନିୟମିତ ସମୟର ସୁଯୋଗ ସୃଷ୍ଟି କରିବେ।<br>୬.୩.୪ ଦୈନନ୍ଦିନ ଶିକ୍ଷଣରେ କଥୋପକଥନ, ଯୋଗାଯୋଗ ଓ ସହଯୋଗ ଭଳି ସାମାଜିକ ଆବେଗିକ ଦକ୍ଷତା ବୃଦ୍ଧି ନିମନ୍ତେ ଏଗୁଡ଼ିକୁ ସଂଯୁକ୍ତ କରିବେ। | ୬.୩.୫ ନିର୍ଦ୍ଦିଷ୍ଟ ବିଷୟରେ ବା ସବୁ ବିଷୟରେ ଜଟିଳ ଚିନ୍ତନ, ଅନୁସନ୍ଧାନ, ପ୍ରଶ୍ନ ପଚାରିବା, ଆତ୍ମସମୀକ୍ଷା ଆଦି ବିକଶିତ କରିବାକୁ ନୂତନ ଶିକ୍ଷଣ ପ୍ରବୃତ୍ତି ବିକଶିତ କରିବେ।<br>୬.୩.୬ ନିୟମିତ ଭାବେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସାମାଜିକ ଆବେଗିକ ଆବଶ୍ୟକତା ଚିହ୍ନଟ କରିବେ ଓ ପୂରଣ କରିବେ। |

| ପରିସର ୭ : ଶିକ୍ଷଣ ଯୋଜନା | | |
|---|---|---|
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ଏସଡି ୭.୧ – ଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ** | | |
| **ଶିକ୍ଷଣର ସାଧନଯୋଗ୍ୟ ଓ ପରିମାପଯୋଗ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବୁଝିବେ।** | **ପାଠ୍ୟକ୍ରମରେ ସନ୍ନିବେଶିତ ବିଷୟରେ ସାଧନଯୋଗ୍ୟ ଓ ପରିମାପଯୋଗ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିବେ।** | **ଶିକ୍ଷାର୍ଥୀଙ୍କର ସାମଗ୍ରିକ ବିକାଶ ପାଇଁ ତାଙ୍କର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରି ଉଚ୍ଚ ଆଶାଯୁକ୍ତ ତଥା ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରିବେ।** |
| ୭.୧.୧ ଶିକ୍ଷଣର ଉଦ୍ଦେଶ୍ୟକୁ ଆଖିରେ ରଖି ପାଠଯୋଜନା ପ୍ରସ୍ତୁତ କରିବେ ଏବଂ ତଦନୁସାରେ ପାଠକାର୍ଯ୍ୟ ଓ ଉଦ୍ଦେଶ୍ୟର ପରିମାପ ପାଇଁ ମୂଲ୍ୟାୟନ ଯୋଜନା କରିବେ। | ୭.୧.୨ ବିଷୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିବା ନିମନ୍ତେ ପ୍ରତି ଶିକ୍ଷଣ ଶ୍ରେଣୀର ଶିକ୍ଷଣ ଉତ୍ପାଦ ପ୍ରସ୍ତୁତ କରିବେ। | ୭.୧.୩ ଯେତେବେଳେ ଆବଶ୍ୟକ, ଲକ୍ଷ୍ୟ ହାସଲ ସହିତ ଆଞ୍ଚଳିକ ଆବଶ୍ୟକତା, ଶିକ୍ଷାର୍ଥୀଙ୍କ ଆବଶ୍ୟକତା ଅନୁସାରେ ପାଠ ଯୋଜନା ଓ ଶିକ୍ଷଣ କୌଶଳ ପ୍ରସ୍ତୁତ କରିବେ। |

| | | |
|---|---|---|
| ଏସଡି ୭.୨ – ଶିକ୍ଷଣ ଅନୁଭୂତିର ଯୋଜନା | | |
| ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟ ନିମନ୍ତେ ପାଠ ଯୋଜନା ପ୍ରସ୍ତୁତ କରିବାର ସାମର୍ଥ୍ୟ ରଖିବେ | ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ଆବଶ୍ୟକତାକୁ ସ୍ଥାନିତ କରି ବିଭେଦୀକୃତ ପାଠଯୋଜନା ପ୍ରସ୍ତୁତ କରିବାର ସାମର୍ଥ୍ୟ ରଖିବେ | ପାଠ୍ୟକ୍ରମ ଆଧାରରେ ପରସ୍ପର ସଂଯୁକ୍ତ ଧାରାବାହିକ ପାଠଯୋଜନା ମାନ ପ୍ରସ୍ତୁତ କରିବାର ସାମର୍ଥ୍ୟ ରଖିବେ |
| ୭.୨.୧ ବିଷୟବସ୍ତୁ, ପାଠକାର୍ଯ୍ୟ ଓ ମୂଲ୍ୟାୟନ କୌଶଳର ବର୍ଣ୍ଣନା ଥାଇ ବିଶଦ ପାଠଯୋଜନା ପ୍ରସ୍ତୁତ କରିପାରିବେ। | ୭.୨.୨ ଅତିରିକ୍ତ ସାହାଯ୍ୟ (ଉଦାହରଣ ସ୍ୱରୂପ ଦୁର୍ବଳ ପାଠକଙ୍କ ପାଇଁ ସରଳ ପାଠ୍ୟବସ୍ତୁ) ଆବଶ୍ୟକ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ପାଠକାର୍ଯ୍ୟ ଓ ସମ୍ବଳ ସଂଗ୍ରହ କରିପାରିବେ। | ୭.୨.୩ ପୂର୍ବ ଶ୍ରେଣୀର ପାଠ ଓ ପିଲାମାନଙ୍କର ଶିକ୍ଷଣ ଶୈଳୀ ଆଧାରରେ ଧାରଣା ଓ ଅଧ୍ୟାୟଗୁଡ଼ିକର ଜଟିଳତାକୁ କ୍ରମ ଅନୁସାରେ ରଖି ପାଠଯୋଜନା ପ୍ରସ୍ତୁତ କରିପାରିବେ। |
| **ପରିସର ୮ : ଶିକ୍ଷଣର, ଶିକ୍ଷଣ ପାଇଁ ଏବଂ ଶିକ୍ଷଣ ରୂପେ ମୂଲ୍ୟାୟନ** | | |
| ପ୍ରବୀଣ ଶିକ୍ଷକ | ଉନ୍ନତ ଶିକ୍ଷକ | କୁଶଳୀ ଶିକ୍ଷକ |
| ଏସଡି ୮.୧ – ମୂଲ୍ୟାୟନ କୌଶଳ | | |
| ମୂଲ୍ୟାୟନର ବିଭିନ୍ନ କୌଶଳ ଓ ଉପକରଣକୁ ଠିକ ଭାବେ ବୁଝିବେ | ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ଆଧାରରେ ଉପଯୁକ୍ତ ମୂଲ୍ୟାୟନ ପଦ୍ଧତି ଚୟନ କରିବେ | ଅନୁଷ୍ଠାନ, ରାଜ୍ୟ ଓ ଜାତୀୟ ସ୍ତରରେ ମୂଲ୍ୟାୟନ ନୀତିର ସମ୍ପୂର୍ଣ୍ଣ ଜ୍ଞାନ ଧାରଣ କରିବେ |
| ୮.୧.୧ ଶିକ୍ଷାର୍ଥୀଙ୍କ ମୂଲ୍ୟାୟନ ପାଇଁ ଶ୍ରେଣୀଗୃହ ନିରୀକ୍ଷଣ, ପ୍ରଶ୍ନୋତ୍ତର, ନୋଟବୁକର ଲେଖା (ବିଷୟ ଶେଷ ପ୍ରଶ୍ନର ଉତ୍ତର) ଭଳି ବିବିଧ କୌଶଳ ବ୍ୟବହାର କରିବେ।<br>୮.୧.୨ ଶିକ୍ଷଣ ସମୟରେ ଶିକ୍ଷାର୍ଥୀମାନଙ୍କୁ ମୁକ୍ତ ପ୍ରଶ୍ନ ପଚାରିବେ। | ୮.୧.୩ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ଅନୁସାରେ ନିୟମିତ ଭାବରେ ପ୍ରକଳ୍ପ, ଉପସ୍ଥାପନା, ପୋର୍ଟଫୋଲିଓ, ପରୀକ୍ଷଣ, କୁଇଜ, ସର୍ବେକ୍ଷଣ, ଏକକ ଅନୁସନ୍ଧାନ ଆଦି ବିବିଧ କୌଶଳ ବ୍ୟବହାର କରିବେ।<br>୮.୧.୪ କୌଣସି ବିଷୟକୁ ଶିକ୍ଷାର୍ଥୀ କେତେ ଜାଣିଛନ୍ତି ଓ ବୁଝିଛନ୍ତି ତାହା ନିର୍ଣ୍ଣୟ କରିବାକୁ ଶିକ୍ଷାର୍ଥୀଙ୍କ ସହ ଆଲୋଚନା ଆରମ୍ଭ କରିବେ। | ୮.୧.୫ ସମ୍ପୃକ୍ତ ନୀତି ପୁସ୍ତିକାର ସୁପାରିଶ ଅନୁସାରେ ଶ୍ରେଣୀଗୃହରେ ଶ୍ରେଷ୍ଠ ମୂଲ୍ୟାୟନ ପଦ୍ଧତି ଅନୁସରଣ କରିବେ।<br>୮.୧.୬ ଶ୍ରେଣୀଗୃହରେ ଶିକ୍ଷଣର ମୂଲ୍ୟାୟନ ପାଇଁ ଓ ଶିକ୍ଷଣକୁ ମୂଲ୍ୟାୟନ ରୂପେ ପାଠରେ ସ୍ଥାନିତ କରିବେ। |
| ଏସଡି ୮.୨ – ମୂଲ୍ୟାୟନ ତଥ୍ୟ | | |
| ମୂଲ୍ୟାୟନ ତଥ୍ୟରୁ ଶିକ୍ଷାର୍ଥୀଙ୍କ ବିଷୟରେ ଗଭୀର ସିଦ୍ଧାନ୍ତ ନିର୍ଣ୍ଣୟ କରିପାରିବେ। | ଶିକ୍ଷଣ ଲକ୍ଷ୍ୟ ଧାର୍ଯ୍ୟ କରିବା ଓ ପାଠ ଯୋଜନା ପ୍ରସ୍ତୁତ କରିବାରେ ମୂଲ୍ୟାୟନ ତଥ୍ୟର ବ୍ୟବହାର କରିପାରିବେ। | ଶିକ୍ଷାର୍ଥୀ ତଥା ତାଙ୍କ ସଫଳତା ବିଷୟରେ ସାମଗ୍ରିକ ଭାବେ ଜାଣିବା ପାଇଁ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିବେ ଓ ଉପଯୁକ୍ତ ପ୍ରତିଷେଧମୂଳକ ଯୋଜନା ଜରିଆରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିପାରିବେ। |

| | | |
|---|---|---|
| ୮.୨.୧ ମୂଲ୍ୟାୟନ ତଥ୍ୟକୁ ଶିକ୍ଷଣ ସମସ୍ୟା ଚିହ୍ନଟରେ ଉପଯୋଗ କରିବେ ଓ ସମସ୍ୟା ସମାଧାନ ପାଇଁ ଶିକ୍ଷଣରେ ବିକଳ୍ପ ଉପାୟ ଅବଲମ୍ବନ କରିବେ। | ୮.୨.୨ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ସହ ଖାପ ଖୁଆଇବା ପାଇଁ ମୂଲ୍ୟାୟନ ତଥ୍ୟକୁ ଶିକ୍ଷାଦାନ ଓ ପାଠଯୋଜନାର ପରିବର୍ତ୍ତନ ନିମନ୍ତେ ବ୍ୟାପକ ଭାବେ ବ୍ୟବହାର କରିବେ। | ୮.୨.୩ ବିବିଧ ପ୍ରକାରର ମୂଲ୍ୟାୟନ ପଦ୍ଧତିରେ ମିଳିଥିବା ଶିକ୍ଷାର୍ଥୀଙ୍କ ଶିକ୍ଷଣ ସମ୍ବନ୍ଧୀୟ ତଥ୍ୟକୁ ଏକୀକୃତ କରି ଶିକ୍ଷଣରେ ଓ ପାଠଯୋଜନାରେ ଆବଶ୍ୟକ ପରିବର୍ତ୍ତନ ସ୍ଥିର କରିପାରିବେ।<br>୮.୨.୪ ଶିକ୍ଷାଦାନ ଓ ପାଠଯୋଜନାରେ କେଉଁ କେଉଁ କ୍ଷେତ୍ରରେ ପରିବର୍ତ୍ତନ ଆବଶ୍ୟକ ଅଛି ତାହା ଚିହ୍ନଟ କରିପାରିବେ ଏବଂ ସ୍ୱତନ୍ତ୍ର ପଦକ୍ଷେପର ଯୋଜନା କରିପାରିବେ। |
| ଏସଡି ୮.୩ – ଯୋଗାଯୋଗ ଓ ପ୍ରତିପୁଷ୍ଟି | | |
| **ଜଣେ ଶିକ୍ଷାର୍ଥୀଙ୍କ ସଫଳତା ତଥ୍ୟ ଶିକ୍ଷାର୍ଥୀ ବା ପିତାମାତା ବ ଅଭିଭାବକଙ୍କୁ ପ୍ରେରଣ କରିବେ** | **ଶିକ୍ଷାର୍ଥୀ ବା ପିତାମାତା ବା ଅଭିଭାବକଙ୍କୁ ଶିକ୍ଷାର୍ଥୀଙ୍କ ସଫଳତା ପାଇଁ କିଛି ନିର୍ଦ୍ଦିଷ୍ଟ ପରାମର୍ଶ ପ୍ରଦାନ କରିବେ** | **ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ଦିଗଦର୍ଶନ ଦେବାରେ ପିତାମାତା ବା ଗୋଷ୍ଠୀଙ୍କ ସହଯୋଗରେ କାମ କରିବେ** |
| ୮.୩.୧ ଶିକ୍ଷାର୍ଥୀ ପାଠଖାତା ବା କାର୍ଯ୍ୟ ତଦାରଖ ବା ତାଙ୍କ ଉତ୍ତର ଅଦାୟ କରିବା ବେଳେ ନିର୍ଦ୍ଦିଷ୍ଟ ଗୁଣାତ୍ମକ ପ୍ରତିପୁଷ୍ଟି ପ୍ରଦାନ କରିବେ।<br>୮.୩.୨ ବିଦ୍ୟାଳୟ ଦ୍ୱାରା ଆୟୋଜିତ ପିତାମାତା-ଶିକ୍ଷକ ବୈଠକରେ ଶିକ୍ଷାର୍ଥୀଙ୍କ ପରୀକ୍ଷା ମାର୍କ ଏବଂ ଶିକ୍ଷଣରେ ଅଂଶଗ୍ରହଣ ଭିତ୍ତିରେ ତାଙ୍କ ସଫଳତା ବିଷୟରେ ପିତାମାତା ବା ଅଭିଭାବକଙ୍କ ସହ ଆଲୋଚନା କରିବେ। | ୮.୩.୩ ଶିକ୍ଷାର୍ଥୀଙ୍କ ସଫଳତା ବିଷୟରେ ତାଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା କରିବେ ଓ ନିୟମିତ ଭାବେ ଉନ୍ନତ ସଫଳତା ପାଇଁ ନିର୍ଦ୍ଦିଷ୍ଟ ପରାମର୍ଶ ଦେବେ।<br>୮.୩.୪ ଶିକ୍ଷାର୍ଥୀଙ୍କ ସଫଳତା ବିଷୟରେ ତାଙ୍କ ପିତାମାତା ବା ଅଭିଭାବକଙ୍କୁ ନିର୍ଦ୍ଦିଷ୍ଟ ଓ ବ୍ୟାପକ ପରାମର୍ଶ ଦେବେ। | ୮.୩.୫ ଆତ୍ମ ମୂଲ୍ୟାୟନ ଓ ସହପାଠୀ ମୂଲ୍ୟାୟନ ଜରିଆରେ ନିଜ ସଫଳତାର ସମୀକ୍ଷା କରିବାକୁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବେ।<br>୮.୩.୬ ଉନ୍ନତ ସଫଳତା ପାଇଁ ନିଜ ପିଲାଙ୍କୁ କିପରି ସହାୟତା ଯୋଗାଇବେ ସେ ବିଷୟରେ ପିତାମାତା ବା ଅଭିଭାବକଙ୍କୁ ସୁଚିନ୍ତିତ ଦିଗଦର୍ଶନ ଦେବେ। |
| **ପରିସର ୯ : ଶିକ୍ଷଣରେ ଟେକନୋଲୋଜିର ବ୍ୟବହାର ଓ ସଂହତି** | | |
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ଭୂମିକା ବୁଝିବେ** | **ଶିକ୍ଷାଦାନ, ଶ୍ରେଣୀଗୃହ ପରିଚାଳନା ଓ ମୂଲ୍ୟାୟନ ପାଇଁ ତଥ୍ୟ ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ICT) ଉପକରଣର ଉପଯୋଗ କରିବେ** | **ନିଜର ତଥା ସହକର୍ମୀମାନଙ୍କ ଶିକ୍ଷାଦାନରେ ସହାୟତା ପାଇଁ ଉପଯୁକ୍ତ ପ୍ରଯୁକ୍ତି ସମ୍ବଳ ପ୍ରସ୍ତୁତ କରିବେ** |
| ୯.୧ କୌଣସି ନିର୍ଦ୍ଦିଷ୍ଟ ଧାରଣାକୁ ପ୍ରଭାବଶାଳୀ ଭାବେ ପଢ଼ାଇବା ପାଇଁ ଉପଯୁକ୍ତ ପ୍ରଯୁକ୍ତି ସମ୍ବଳ ଚୟନ କରିବେ। | ୯.୨ ସୃଜନଶୀଳ ଭାବେ ନିଜ ଶିକ୍ଷାଦାନ ଓ ମୂଲ୍ୟାୟନକୁ ପରିବର୍ତ୍ତିତ କରିବା ପାଇଁ ଉପଲବ୍ଧ ପ୍ରଯୁକ୍ତି ସମ୍ବଳକୁ ପ୍ରଭାବଶାଳୀ | ୯.୩ ନିଜର ତଥା ସହକର୍ମୀଙ୍କ ଶିକ୍ଷାଦାନରେ ସହାୟତା ପାଇଁ ନିଜେ ପ୍ରଯୁକ୍ତି ସମ୍ବଳ ପ୍ରସ୍ତୁତ କରିବେ। |

| | | |
|---|---|---|
| | ଭାବେ ଉପଯୋଗ କରିବେ। | |
| **ପରିସର ୧୦ : ଶ୍ରେଣୀଗୃହ ଉପାଦାନ ଓ ଗତିଶୀଳତା/ପରିବର୍ତ୍ତନ** | | |
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ଏସଡି ୧୦.୧ – ସୁରକ୍ଷିତ, ଯତ୍ନଶୀଳ ଓ ସହାୟକ ଶିକ୍ଷଣ ପରିବେଶ** | | |
| **ଉପଲବ୍ଧ ସୁବିଧା ଓ ସମ୍ବଳକୁ ଗୋଟିଏ ନିରାପଦ ଓ ଅନ୍ତର୍ଭୁକ୍ତି ଶ୍ରେଣୀଗୃହ ସୃଷ୍ଟିରେ ଉପଯୋଗ କରିବେ** | **ନିର୍ଭୟରେ ନିଜର ମତ ଦେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହିତ ଏକ ସହାୟକ ଓ ଅନ୍ତର୍ଭୁକ୍ତି ଶିକ୍ଷଣ ପରିବେଶ ସୃଷ୍ଟି କରିବେ** | **ଏକ ନିରାପଦ ଓ ଅନ୍ତର୍ଭୁକ୍ତି ଶ୍ରେଣୀଗୃହ ସୃଷ୍ଟି କରିବାରେ ଶିକ୍ଷାର୍ଥୀଙ୍କୁ ସାମିଲ କରିବେ** |
| ୧୦.୧.୧ ଶ୍ରେଣୀଗୃହ କାର୍ଯ୍ୟର ସୁସମ୍ପାଦନା ପାଇଁ ସମୟ ସାରଣୀ ଓ ପଦ୍ଧତି ସ୍ଥିର କରିବେ। | ୧୦.୧.୩ ଶିକ୍ଷାର୍ଥୀଙ୍କ ପରାମର୍ଶକୁ ବିଚାରକୁ ନେଇ ଏକ ନମନୀୟ ସମୟ ସାରଣୀ ପ୍ରସ୍ତୁତ କରିବେ। | ୧୦.୧.୫ ଏପରି ଶ୍ରେଣୀଗୃହ ସମୟ ସାରଣୀ ବିକଶିତ କରିବେ ଯାହାର ଦାୟିତ୍ୱ ଶିକ୍ଷାର୍ଥୀମାନେ ବହନ କରିପାରିବେ। |
| ୧୦.୧.୨ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଚଳପ୍ରଚଳ, କଥୋପକଥନ ଓ ଆଲୋଚନାକୁ ଉତ୍ସାହିତ କରୁଥିବା ଗୋଟିଏ ଚାପମୁକ୍ତ ଶ୍ରେଣୀ ପରିବେଶ ସୁନିଶ୍ଚିତ କରିବେ। | ୧୦.୧.୪ ଆବଶ୍ୟକ ଦୈନନ୍ଦିନ ପ୍ରସଙ୍ଗରେ ଆଲୋଚନା (ଯଥା: ବ୍ୟଗ୍ରତାର ଅନୁଭବ, ଭୟଭୀତ କରିବା ପ୍ରସଙ୍ଗ, ପ୍ରତ୍ୟୟ ସୃଷ୍ଟି ପ୍ରସଙ୍ଗ ଇତ୍ୟାଦି) ପାଇଁ ଏବଂ ମତାମତ ରଖିବା ପାଇଁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବେ। | ୧୦.୧.୬ ଏଭଳି ଶ୍ରେଣୀଗୃହ ନିୟମ ପ୍ରଚଳନ କରିବେ ଯାହା ଶିକ୍ଷାର୍ଥୀ ନିରାପତ୍ତା, ଅନ୍ତର୍ଭୁକ୍ତିତା ଏବଂ ସମସ୍ତଙ୍କୁ ସାମିଲ କରିବାର ସାମର୍ଥ୍ୟ ରଖିବ। |
| **ଏସଡି ୧୦.୨ – ଶ୍ରେଣୀଗୃହ ପରିଚାଳନା** | | |
| **ବିଭିନ୍ନ ପ୍ରକାର ଶ୍ରେଣୀଗୃହ ପରିଚାଳନା ଜ୍ଞାନ ଓ ସେ ସବୁର ବ୍ୟବହାର କରିବାର ସାମର୍ଥ୍ୟ ରଖିବେ** | **ଶିକ୍ଷାର୍ଥୀମାନଙ୍କ ବ୍ୟବହାରରେ ବିବିଧତା ବିଷୟରେ ଜ୍ଞାନ ଓ ତାହାକୁ ସଠିକ ପରିଚାଳନା କରିବାର ସାମର୍ଥ୍ୟ ରଖିବେ** | **ଶିକ୍ଷାର୍ଥୀଙ୍କ ଭିତରେ ଆତ୍ମ ଶୃଙ୍ଖଳା, ବ୍ୟକ୍ତିଗତ ଦାୟିତ୍ୱବୋଧ ଓ ନେତୃତ୍ୱ ନେବାର କଳା ବିକଶିତ କରିବେ (ଆଦର୍ଶ)** |
| ୧୦.୨.୧ ଶ୍ରେଣୀଗୃହରେ ନିଜର ନିୟମାବଳୀ ପ୍ରଚଳନ କରିବେ ଏବଂ ଆବଶ୍ୟକ ସମୟରେ ଶିକ୍ଷାର୍ଥୀଙ୍କ ଆଚରଣକୁ ନିୟନ୍ତ୍ରିତ କରିବେ। | ୧୦.୨.୨ ପରିବେଶ ସହିତ ଶିକ୍ଷାର୍ଥୀଙ୍କ ଆଚରଣକୁ ସଂଯୁକ୍ତ କରିବେ ଏବଂ ଉପଯୁକ୍ତ ଭାବେ ପ୍ରତିକ୍ରିୟା ରଖିବେ। | ୧୦.୨.୩ ଗଣତାନ୍ତ୍ରିକ ଭାବେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆକାଂକ୍ଷା ଜାଗ୍ରତ କରିବେ ଏବଂ ଶିକ୍ଷାର୍ଥୀମାନଙ୍କୁ ନିଜେ ସେହି ଆକାଂକ୍ଷାର ଯଥାର୍ଥତା ପ୍ରତିପାଦନ କରିବାକୁ ପ୍ରେରିତ କରିବେ। |
| **ଏସଡି ୧୦.୩ – ସଫଳ ଶ୍ରେଣୀଗୃହ କଥୋପକଥନ** | | |
| **ବିବିଧ ପ୍ରକାର ଶାବ୍ଦିକ ଓ ଅଣଶାବ୍ଦିକ ଶ୍ରେଣୀଗୃହ ଆଳାପ କୌଶଳ ବୁଝିବାର ସାମର୍ଥ୍ୟ ହାସଲ କରିବେ** | **ଶିକ୍ଷଣକୁ ସମଭାଗୀ କରିବା ପାଇଁ ବିବିଧ ଶାବ୍ଦିକ ଓ ଅଣଶାବ୍ଦିକ ଶ୍ରେଣୀଗୃହ ଆଳାପ କୌଶଳ ବ୍ୟବହାର କରିବେ ଓ ପ୍ରତିକ୍ରିୟା ରଖିବେ** | **ଶ୍ରେଣୀଗୃହ ଆଳାପରେ ଉନ୍ନତି ଆଣିବାରେ ସହକର୍ମୀମାନଙ୍କୁ ସହାୟତା ଓ ଦିଗଦର୍ଶନ ଦେବା ପାଇଁ ଗଠନମୂଳକ ମତାମତ ଦେବେ** |

| | | |
|---|---|---|
| ୧୦.୩.୧ ଉପଯୁକ୍ତ ଶାବ୍ଦିକ ଓ ଚକ୍ଷୁମିଳନ, ଭଙ୍ଗୀ, ଇଙ୍ଗିତ ଆଦି ପରି ଅଣଶାବ୍ଦିକ ଯୋଗାଯୋଗ ପଦ୍ଧତି ଅବଲମ୍ବନ କରିବେ। | ୧୦.୩.୨ ଶିକ୍ଷଣରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ନିମନ୍ତେ ବିବିଧ ପ୍ରକାର ଶାବ୍ଦିକ ଓ ଅଣଶାବ୍ଦିକ ଶ୍ରେଣୀଗୃହ ଯୋଗାଯୋଗ କୌଶଳର ଉପଯୋଗ କରିବେ।<br>୧୦.୩.୩ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ଅଣଶାବ୍ଦିକ ଯୋଗାଯୋଗ ବୁଝିପାରିବେ ଓ ନିଜ ଯୋଗାଯୋଗରେ ତାକୁ ସ୍ଥାନ ଦେବେ। | ୧୦.୩.୪ ସହକର୍ମୀମାନଙ୍କୁ ସଠିକ ଶ୍ରେଣୀଗୃହ ଯୋଗାଯୋଗ ପଦ୍ଧତି ଅବଲମ୍ବନ କରିବାରେ ଦିଗଦର୍ଶନ ଦେବେ। |
| **ଏସଡି ୧୦.୪ – ଭାଷାର ବିବିଧତା ଓ ବହୁଭାଷିକତା** | | |
| **ଭାଷାର ବିବିଧତା ଓ ନିର୍ଦ୍ଦିଷ୍ଟ ଭାଷାରେ ଶିକ୍ଷାର୍ଥୀଙ୍କ ପଟୁତାର ହାର ବ୍ୟତିରେକେ ସମସ୍ତ ଶିକ୍ଷାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିବେ** | **ଶ୍ରେଣୀରେ ଶିକ୍ଷଣର ଉନ୍ନତ ପ୍ରଭାବ ପାଇଁ ବହୁଭାଷିକତାର ପ୍ରୟୋଗ କରିବାରେ ସହକର୍ମୀମାନଙ୍କୁ ସହାୟତା ଯୋଗାଇବେ** | **ଶିକ୍ଷଣର ଅଧିକ ସୁଫଳ ପାଇଁ ସହକର୍ମୀମାନଙ୍କୁ ବହୁଭାଷିକତାର ବ୍ୟବହାର ସପକ୍ଷରେ ବୁଝାଇବେ** |
| ୧୦.୪.୧ ଶ୍ରେଣୀଗୃହରେ ଶିକ୍ଷାଦାନ ସମୟରେ ଶିକ୍ଷାଦାନର ଭାଷା ବାରମ୍ବାର ବଦଳାଇବେ ଓ ଆବଶ୍ୟକତା ଅନୁସାରେ ଆଞ୍ଚଳିକ ଭାଷାର ବ୍ୟାପକ ବ୍ୟବହାର କରିବେ। | ୧୦.୪.୨ ଗୋଟିଏ ଭାଷାଗତ ବିବିଧତାପୂର୍ଣ୍ଣ ଶ୍ରେଣୀରେ ସଠିକ ଶିକ୍ଷାଦାନ କୌଶଳ ଅବଲମ୍ବନ କରିବାକୁ ସହକର୍ମୀମାନଙ୍କୁ ଦିଗଦର୍ଶନ ଦେବେ। | ୧୦.୪.୩ ସହକର୍ମୀଙ୍କ ବୈଠକରେ ଆଲୋଚନା, ନିବନ୍ଧ ଲିଖନ ଓ ନିଜ ଶିକ୍ଷଣରେ ଉପଯୋଗ ଜରିଆରେ ବହୁଭାଷିକ ଶିକ୍ଷାର ଆବଶ୍ୟକତାର ପ୍ରମାଣ ରଖିବେ। |


## ମାନକ ୩ : ବୃତ୍ତିଗତ ବିକାଶ ଓ ପ୍ରଗତି

| ପରିସର ୧୧ : ଶିକ୍ଷଣ ଆବଶ୍ୟକତା | | |
|---|---|---|
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ଶିକ୍ଷଣ ଆବଶ୍ୟକତା ଚିହ୍ନଟ କରିବା ସହିତ ନିଜ ବୃତ୍ତିଗତ ବିକାଶର ଲକ୍ଷ୍ୟ ଧାର୍ଯ୍ୟ କରିବେ** | **ସମ୍ପୃକ୍ତ ସମସ୍ତ ପକ୍ଷଙ୍କଠାରୁ ପ୍ରାପ୍ତ ପ୍ରତିପୁଷ୍ଟି ଆଧାରରେ ନିଜ ବୃତ୍ତିଗତ ବିକାଶ ଯୋଜନା ପ୍ରସ୍ତୁତ କରିବେ** | **ସହକର୍ମୀମାନଙ୍କ ପାଇଁ ବୃତ୍ତିଗତ ବିକାଶର ଯୋଜନା ଓ ସୁଯୋଗ ଉପଲବ୍ଧ କରାଇବେ** |
| ୧୧.୧ ବିକାଶର ପ୍ରଶସ୍ତ କ୍ଷେତ୍ରରେ ପ୍ରବେଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିବେ।<br>୧୧.୨ ନିର୍ଦ୍ଦିଷ୍ଟ ଶିକ୍ଷଣ ଲକ୍ଷ୍ୟ ପାଇଁ କର୍ମଶାଳା, ବୈଠକ, ତାଲିମ, ସମ୍ମିଳନୀ, ଆଲୋଚନା ଚକ୍ର ଇତ୍ୟାଦି ଖୋଜି ବାହାର କରିବେ। | ୧୧.୩ ବିକାଶର ବିଭିନ୍ନ ଦିଗରେ ସଫଳତା ପାଇଁ ଶ୍ରେଣୀଗୃହ ଗବେଷଣା ଓ ଅନ୍ୟ ଫଳପ୍ରସୂ ପଦକ୍ଷେପ ଗ୍ରହଣ କରିବେ।<br>୧୧.୪ ନିବନ୍ଧ, ପୁସ୍ତକ ଅଧ୍ୟାୟ, ପୁସ୍ତକ ବା ସହକର୍ମୀ-ସମୀକ୍ଷା ନିବନ୍ଧ ରଚନା କରି ପ୍ରକାଶ କରିବେ। | ୧୧.୫ ସହକର୍ମୀମାନଙ୍କ ଶିକ୍ଷଣ ଆବଶ୍ୟକତା ଚିହ୍ନଟ କରିବାରେ ସାହାଯ୍ୟ କରିବେ ଓ ସେଗୁଡ଼ିକୁ ପୂରଣ କରିବାରେ ଉପଯୁକ୍ତ ପଦକ୍ଷେପ ନେବେ।<br>୧୧.୬ ପତ୍ରିକା ପାଇଁ ନିବନ୍ଧ ଲେଖିବା ପାଇଁ ଓ ଶ୍ରେଣୀଗୃହ ଗବେଷଣା ପାଇଁ ସହକର୍ମୀମାନଙ୍କୁ ଦିଗଦର୍ଶନ ଦେବେ। |

| ପରିସର ୧୨ : ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନ | | |
|---|---|---|
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନ ଠିକ ଭାବେ ବୁଝିବେ** | **ଶିକ୍ଷଣର ଉନ୍ନତି ପାଇଁ ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନର ବ୍ୟବହାର କରିବେ** | **ସହକର୍ମୀମାନଙ୍କୁ ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନର ପ୍ରୟୋଗ ପାଇଁ ପ୍ରେରଣା ଓ ସହାୟତା କରିବେ** |
| ୧୨.୧ ନିଜ ଶିକ୍ଷାଦାନର ବଳିଷ୍ଠତା ଓ ଦୁର୍ବଳତା ଆଲୋଚନା କରିବେ।<br>୧୨.୨ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ବଳିଷ୍ଠତା ଓ ଦୁର୍ବଳତା ଆଲୋଚନା କରିବେ। | ୧୨.୩ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ଆଧାରରେ ପାଠଯୋଜନା ଓ ଶିକ୍ଷାଦାନ କୌଶଳ ଆଲୋଚନା କରିବେ।<br>୧୨.୪ ଶ୍ରେଣୀଗୃହରେ ଅଧିକ ପ୍ରଭାବଶାଳୀ ଶିକ୍ଷାଦାନ ନିମନ୍ତେ ଭିନ୍ନ ଭିନ୍ନ କୌଶଳ ଅନୁସରଣ କରିବେ। | ୧୨.୫ ଆତ୍ମସମୀକ୍ଷାମୂଳକ ଶିକ୍ଷାଦାନ ପାଇଁ ସହକର୍ମୀମାନଙ୍କୁ ଦିଗଦର୍ଶନ ଦେବେ।<br>୧୨.୬ ନିରନ୍ତର ଶିକ୍ଷା ପାଇଁ ସହକର୍ମୀ ସହାୟତା ଗୋଷ୍ଠୀ ଗଠନ ନିମନ୍ତେ ପଦକ୍ଷେପ ନେବେ। |

| ପରିସର ୧୩ : ଶିକ୍ଷଣଗୋଷ୍ଠୀରେ ସହଯୋଗ ଓ ଅଂଶଗ୍ରହଣ | | |
|---|---|---|
| **ପ୍ରବୀଣ ଶିକ୍ଷକ** | **ଉନ୍ନତ ଶିକ୍ଷକ** | **କୁଶଳୀ ଶିକ୍ଷକ** |
| **ବିଦ୍ୟାଳୟ ଭିତରେ ଓ ବାହାରେ ଶିକ୍ଷା ପାଇଁ ଉପଲବ୍ଧ ସମସ୍ତ ସୁଯୋଗର ସୁବ୍ୟବହାର କରିବେ** | **ନିଜ ଗବେଷଣା ଓ ଶିକ୍ଷାନୁଭୂତି ସମ୍ମିଳନୀ, ୱେବ ସମ୍ମିଳନୀ, ଆଲୋଚନା ଚକ୍ର ଇତ୍ୟାଦିରେ ଉପସ୍ଥାପନ କରିବେ** | **ବିଦ୍ୟାଳୟ ଭିତରେ ଓ ବାହାରେ ଶିକ୍ଷଣ ଗୋଷ୍ଠୀ ଗଠନ ଓ ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ନେବେ** |
| ୧୩.୧ ବିଦ୍ୟାଳୟ ଭିତରେ ଓ ବାହାରେ ସହଭାଗୀ ଶିକ୍ଷାର ସମସ୍ତ କ୍ଷେତ୍ରରେ ଅଂଶଗ୍ରହଣ ଓ ସୁଯୋଗର ଉପଯୋଗ କରିବେ।<br>୧୩.୨ ଜଣେ ଅଂଶଗ୍ରହଣକାରୀ ବା ପର୍ଯ୍ୟବେକ୍ଷକ ଭାବେ ବୃତ୍ତିଗତ ଶିକ୍ଷା ଓ ଅନୁସନ୍ଧାନ ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। | ୧୩.୩ ନିୟମିତ ଭାବେ ରାଜ୍ୟ ସ୍ତରରେ ନିଜ ଶ୍ରେଣୀଗୃହ ଅନୁଭୂତି ଓ ଶିକ୍ଷାନୁଭୂତି ଉପସ୍ଥାପନ କରିବେ।<br>୧୩.୪ ନିୟମିତ ଭାବେ ଜାତୀୟ ସ୍ତରର ସମ୍ମିଳନୀ ବା ଆଲୋଚନା ଚକ୍ରରେ ନିଜ ଶ୍ରେଣୀଗୃହ ଅନୁଭୂତି ଓ ଶିକ୍ଷାନୁଭୂତି ଉପସ୍ଥାପନ କରିବେ। | ୧୩.୫ ସହକର୍ମୀମାନଙ୍କ ଶିକ୍ଷା ନିମନ୍ତେ ମିଳିତ ଭାବେ କର୍ମଶାଳା, ବୈଠକ, ତାଲିମ, ସମ୍ମିଳନୀ, ଆଲୋଚନା ଚକ୍ର ଇତ୍ୟାଦିର ଆୟୋଜନ କରିବେ।<br>୧୩.୬ ପଡ଼ୋଶୀ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ଶିକ୍ଷଣ ଗୋଷ୍ଠୀକୁ ପରିବ୍ୟାପ୍ତ କରିବାକୁ କାର୍ଯ୍ୟ କରିବେ। |

# ୭. ଏନପିଏସଟି ଭିତ୍ତିକ ଜାତୀୟ ଶିକ୍ଷକ ଗୁଣବତ୍ତା କେନ୍ଦ୍ର ପାଇଁ ଡିଜିଟାଲ ଭିତ୍ତିଭୂମି ଯୋଜନା



## ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡରେ କାର୍ଯ୍ୟକ୍ଷମ ଉପାଦାନର ପରାମର୍ଶ

- ଏନପିଏସଟି ପୋର୍ଟାଲ ତିଆରି

  ଶିକ୍ଷକଙ୍କ ପାଇଁ ଗନ୍ତାଘର, ଶିକ୍ଷଣ ଗନ୍ତାଘର, କୃତିତ୍ୱ ପରିଚାଳନା, ଏନପିଏସଟିର ମୂଲ୍ୟାୟନ (ନିଜେ ଓ ଉପଦେଷ୍ଟା ଦ୍ୱାରା), ଏନପିଏସଟି ଡିଜିଟାଲ ଯୋଜନାର କାର୍ଯ୍ୟକାରିତା, ଅନୁଷ୍ଠାନ ଓ ପାଠ୍ୟକ୍ରମ ପରିଚାଳନା, ଦୀକ୍ଷା ଓ ନିଷ୍ଠା **(DIKSHA & NISTHA)**ର ସ୍ୱ-ଶିକ୍ଷଣ ସେବା, ଶିକ୍ଷଣ/ ତାଲିମ/ ନିରନ୍ତର ବୃତ୍ତିଗତ ବିକାଶ ସମ୍ବନ୍ଧୀୟ ପ୍ରମାଣର ଗନ୍ତାଘର, ଶିକ୍ଷକମାନେ ସମସ୍ତ ପରିସର ଓ ମାନ ବ୍ୟାପକ ଭାବେ ବୁଝିପାରିବା ପାଇଁ ଶିକ୍ଷକମାନଙ୍କ ସକାଶେ ଇ-ପୋର୍ଟାଲ ତିଆରି, ବିବିଧ ପାରଙ୍ଗମତାରେ ଶିକ୍ଷକମାନେ ନିଜ ସଫଳତା ଓ ମାର୍କ ଜାଣିବା ପାଇଁ କୌଶଳ ବିକାଶ, ସ୍ୱ-ମୂଲ୍ୟାୟନ ଉପକରଣ, ଶିକ୍ଷକମାନଙ୍କ ବିବରଣୀ ପାଇଁ ତଥ୍ୟ ଭଣ୍ଡାରର ବିକାଶ।

- ଏନପିଏସଟିର କାର୍ଯ୍ୟକାରିତା ଓ ସଫ୍ଟୱାୟାର ମନିଟରିଂ
  - ରାଜ୍ୟ ଓ ଜାତୀୟ ସ୍ତରରେ ଏନପିଏସଟିର କାର୍ଯ୍ୟକାରିତା ନିୟନ୍ତ୍ରଣ କରିବା ପାଇଁ ନିରନ୍ତର ନିୟନ୍ତ୍ରଣ ବ୍ୟବସ୍ଥା
  - ଶିକ୍ଷକମାନଙ୍କ ନିରନ୍ତର ବୃତ୍ତିଗତ ବିକାଶର ଟ୍ରାକର
  - ଶିକ୍ଷକ ପ୍ରଶିକ୍ଷକଙ୍କୁ ମାର୍ଗଦର୍ଶନ ପାଇଁ ଡିଜିଟାଲ ପ୍ଲାଟଫର୍ମ
  - ନିରନ୍ତର ବୃତ୍ତିଗତ ବିକାଶ ପାଇଁ ସ୍ୱ-ବେଗ ପାଠ୍ୟକ୍ରମ
  - ୱେବ ଓ ଆପ ଆଧାରିତ ଶିକ୍ଷଣ ସମାଧାନ
  - ଜାତୀୟ ଗନ୍ତାଘର ତିଆରି
  - ସେବାକାଳୀନ ଶିକ୍ଷକ
  - ପ୍ରାକସେବା ଶିକ୍ଷକ
  - ଶିକ୍ଷଣ ପ୍ରମାଣର ଅନୁସରଣ
- ବିଷୟ ପରିଚାଳନା ଓ ତଥ୍ୟ ଦାନ
- ଡିଜିଟାଲ ପରିଚାଳନା ଓ କନେକ୍ଟିଭିଟି
  - ଉଦ୍ଦିଷ୍ଟ ଲକ୍ଷ୍ୟଗୋଷ୍ଠୀଙ୍କ ସହ ତ୍ୱରିତ ଯୋଗାଯୋଗ ପାଇଁ ଡିଜିଟାଲ ସମ୍ମିଳନୀ ପ୍ଲାଟଫର୍ମ

ଚିତ୍ର ୬: ଏନପିଏସଟି ଅଧୀନରେ ଏନସିଟିକ୍ୟୁର ଡିଜିଟାଲ ବିକାଶ ଯୋଜନା




ଚିତ୍ର ୭: ଏନପିଏସଟି ଡିଜିଟାଲ ଯୋଜନା




ଚିତ୍ର ୮: ଏନପିଏସଟିର ପରୀକ୍ଷାମୂଳକ ପ୍ରୟୋଗ ଅଧ୍ୟୟନ

# ଚିତ୍ରାବଳୀର ତାଲିକା


| କ୍ର. ସଂ. | ଚିତ୍ର | କ୍ର. ସଂ. |
|---|---|---|
| ୧ | ଶିକ୍ଷକ ପ୍ରସ୍ତୁତି ଚିତ୍ର | ୮ |
| ୨ | ବୃତ୍ତିଗତ ମାନଦଣ୍ଡ ଓ ପାରଙ୍ଗମତା ଚିତ୍ର | ୧୩ |
| ୩ | ମୌଳିକ ମୂଲ୍ୟବୋଧ ଓ ନୈତିକତା ଚିତ୍ର | ୧୫ |
| ୪ | ଜ୍ଞାନ ଓ ସାଧନ ଚିତ୍ର | ୧୬ |
| ୫ | ବୃତ୍ତିଗତ ବିକାଶ ଓ ପ୍ରଗତି ଚିତ୍ର | ୧୬ |
| ୬ | ଏନପିଏସଟିରେ ଏନସିଟିକ୍ୟୁର ଡିଜିଟାଲ ବିକାଶ ଯୋଜନା ଚିତ୍ର | ୩୮ |
| ୭ | ଡିଜିଟାଲ ଯୋଜନା ଚିତ୍ର | ୩୯ |
| ୮ | ପରୀକ୍ଷାମୂଳକ ପ୍ରୟୋଗ ଅଧ୍ୟୟନ ଚିତ୍ର | ୩୯ |

# ସଂକ୍ଷିପ୍ତ ପଦାବଳୀ

| | |
|---|---|
| ACR | ବାର୍ଷିକ ଗୋପନୀୟ ବିବରଣୀ |
| APR | ବାର୍ଷିକ ସଫଳତା ସମୀକ୍ଷା |
| CPD | ନିରନ୍ତର ବୃତ୍ତିଗତ ବିକାଶ |
| DIET | ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ |
| DPEP | ଜିଲ୍ଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ |
| FLN | ମୌଳିକ ସାକ୍ଷରତା ଓ ସଂଖ୍ୟାଦକ୍ଷତା |
| GoI | ଭାରତ ସରକାର |
| ICT | ସୂଚନା ଓ ପ୍ରଯୁକ୍ତି ବିଦ୍ୟା |
| INSET | ସେବାକାଳୀନ ଶିକ୍ଷା ଓ ତାଲିମ |
| JNVS | ଜବାହାର ନବୋଦୟ ବିଦ୍ୟାଳୟ ସମିତି |
| KVS | କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ |
| MoE | ଶିକ୍ଷା ମନ୍ତ୍ରାଳୟ |
| NCTE | ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ |
| NCERT | ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ |
| NCFTE | ଜାତୀୟ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଆଧାର |
| NCTQ | ଜାତୀୟ ଶିକ୍ଷକ ଗୁଣବତ୍ତା କେନ୍ଦ୍ର |
| NEP2020 | ଜାତୀୟ ଶିକ୍ଷା ନୀତି ୨୦୨୦ |
| NIEPA | ଜାତୀୟ ଶିକ୍ଷା ଯୋଜନା ଓ ପ୍ରଶାସନ ପ୍ରତିଷ୍ଠାନ |
| NPST | ଜାତୀୟ ଶିକ୍ଷକ ବୃତ୍ତିଗତ ମାନଦଣ୍ଡ |
| NMM | ରାଷ୍ଟ୍ରୀୟ ଦିଗଦର୍ଶନ ମିଶନ |
| PI | ସଫଳତା ସୂଚକ |
| PSTE | ପ୍ରାକସେବା ଶିକ୍ଷକ ଶିକ୍ଷା |
| RIE | ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ |
| RPL | ପ୍ରାକ ଶିକ୍ଷାର ସ୍ୱୀକୃତି |
| RTE | ଶିକ୍ଷା ଅଧିକାର |
| SCERT | ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ |
| SSA | ସର୍ବ ଶିକ୍ଷା ଅଭିଯାନ |
| TEI | ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ |
| TEP | ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ |
| TET | ଶିକ୍ଷକ ଯୋଗ୍ୟତା ପରୀକ୍ଷା |
| SD (ଏସଡି) | ସବ ଡୋମେନ (ଉପପରିସର) |

# ଗ୍ରନ୍ଥସୂଚୀ


- Australian Institute for Teaching and School Leadership (2018). Australian Professional Standards for Teachers.
  https://www.aits.edu.au/docs/default-source/national-policy-framework/australian-professional-standards-for-teachers.pdf
- Department of Education. (2021). Teachers' Standards: Guidance for School Leaders, School Staff and Governing Bodies.
  https://assests.publishing.service.gov.uk/government/uplods/system/uploads/attachment_data/file/1040274/Teachers_Standards_Dec>2021.pdf
- Education International and UNESCO. (2019). Global Framework of Professional Teaching Standards.
  https://issuu.com/educationinternational/docs/2019_ei_unesco_framework
- Government of India (2022a) National Education Policy 2020.
  https://www.education.gov.in/sites/upload_files/mhrd/files/NEP_Final_English_0.pdf
- Government of India (2022b)
  https://cdnbbsr.s3waas.gov.in/s380537a945c7aaa788ccfcdf1b99b5d8f/upload/2023/05/2023050195.pdf
- National Commission on Teachers. (1986). The Teacher and Society. Report of the National Commission on Teachers-1.
- National Council for Teacher Education. (2009). National Curriculum Framework for Teacher Education. New Delhi: NCTE.
- National Council of Educational Research & Training. (2005). National Curriculum Framework 2005. NCERT.
- National Council of Educational Research & Training. (2019). Teacher's Self-Assessment.
  https://ncert.nic.in/pdf/announcement/TSAR.pdf
- National Qualifications Authority. (2021), Teacher Standards for the UAE.
  https://tls.moe.gov.ae/Downloads/SNSC%20standards%20teachers%20English.pdf
- The Right to Free and Compulsory Education Act. (2009). (Gazette Extraordinary), Ministry of Law and Justice, Government of India, New Delhi.
  https://righttoeducation.in/sites/default/files/Right%20of%20Children%20to%20Free%20and%20Education%20Act%202009%20(Englsh).pdf
- Verma, J.S. (2013). Report of the committee on Amendments to Criminal Law, 2013. New Delhi.
  https://adrindia.org/sites/default/files/Justice_Verma_Amendmentstocriminallaw_jan2013.pdf

By e-mail / Hand / Speed Post / Fax

**NCTE-Acad013/2/2021-O/o US(Acad.)-HQ** 31st August 2021

**OFFICE ORDER (Revised)**

It is decided to constitute a committee of the following members on National Professional Standards for Teachers (NPST) within NCTE. The committee would examine the relevance of para 5.20 of NEP 2020 and devise an appropriate strategy for developing & designing a National document on NPST.

| Sl. No. | Name & Address | Designation |
|---|---|---|
| 1. | Prof. CK Saluja, (Rtd). CIE, DU. New Delhi, | Chair |
| 2. | Prof. Anil Kumar Shukla. VC. KMCL University. Lucknow, UP | Member |
| 3. | Dr. Shakila T Shamshu. former OSD. DONE. MoE. New Delhi | Member |
| 4. | Prof Padma Sarangpani, TISS. Maharashtra | Member |
| 5. | Prof. Ranjana Arora, NCERT, New Delhi | Member |
| 6. | Prof K Ramchandran (Rdt) NIEPA. New Delhi | Member |
| 7. | Dr. Vishwajit Saha, Director CBSE. New Delhi | Member |
| 8. | Dr. Robin Chetri, SCERT, Gangtok, Sikkim | Member |
| 9. | Ms. Ramya Vcnkatraman. CENTA, Bangalore, Karnataka | Member |
| 10. | Shri. D K Chaturvedi, Under Secretary. NCTE. New Delhi | Convener |
| 11. | Dr. Parul. Senior Academic Consultant, NCTE, New Delhi | Co-convener |

2. Terms of Reference: -

i. Formulation of pragmatic aspects of the policy of NEP on NPST and Cross linking.

ii. Evolving guideline for the establishment of National Centre for Teachers Quality (NCTQ) under NPST at NCTE lig.. New Delhi.

iii. Structured plan of Action on Implementation of NPST and State grading formula.

iv. Review of data of digital consultations institutional consultation on NPST and developing strategy for National/ State level consultation for preparing this national document.

v. There are many countries which have the mechanism of National Professional Standards for Teachers (NPST). Mapping of NPST of these and some other countries and Development& Design of a draft framework on NPST.

vi. Extensive review of the inputs collected during the consultation period across the country will be done by the expert committee.

Kesang Y Sherpa

Cont. Pg 2/-

vii. The committee will then undertake a review of the areas of the teacher activities requiring common/current competency level of teachers. The committee will finally formulate the draft going through the several revisions before the NPST Draft is released for public review. Comments by the reviewers from amongst the stakeholders will then be used to prepare a final draft for notification.

viii. Preparation of a Self-Development Guide/Assessment Tools on NPST will also be designed for successful implementation of NPST. This will also include the teacher's professional role and responsibility in terms of quality because of the teacher's growing role beyond the classroom, achievement of standards as well underlying teachers's participation in decision to the education matter at the school/district/sale/national level.


ix. Ensuing Completion of all tasks within 3 months, so as to implement NPST from Academic Session 2022-23.

x. Any other point found relevant to NPST implemention as per the directive of NEP 2020.

xi. To hold discussion/meeting with other stakeholders whenever necessary. The Committee may consult/co-opt teachers / Principals/ Experts as when required.

xii. TA/DA/Sitting fees shall be paid as per the NCTE Rules. The NCTE would provide the secretarial assistance as per requirement.

3. This has approval of the competent authority.



**(Kesang Y. Sherpa)**
**Member Secretary**

Copy to-

1) PS to CP for information please.

2) Deputy Secretary/Under Secretary, GA/Academic/Accounts/EDP, NCTE.

3) Copy to all concerned.

4) Guard file.

गुरुर्गुरुतमो धाम

NCTE

ସ୍ୱତ୍ୱାଧିକାର

ଏହି ପୁସ୍ତିକା ଏବଂ ଅନ୍ୟ ସମସ୍ତ ପ୍ରକ୍ରିୟା ବିବରଣୀ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ବୌଦ୍ଧିକ ସମ୍ପତ୍ତି ଅଟେ ଏବଂ ଏ ସମସ୍ତ ଉତ୍ପାଦ କପିରାଇଟ ଆଇନ ଦ୍ୱାରା ସୁରକ୍ଷିତ ଅଟେ।

ସର୍ବସ୍ୱତ୍ୱ ସଂରକ୍ଷିତ

Language consultancy and translation facilitated by
**National Translation Mission**
Central Institute of Indian Languages, Mysore

गुरुर्गुरुतमो धाम
NCTE

**ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ**
ଭାରତ ସରକାରଙ୍କ ଏକ ବୈଧାନିକ ସଂସ୍ଥା
**National Council for Teacher Education**
(A Statutory Body of the Government of India)